ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.23 . No.16, Bhubaneswar Friday, February 21, 2020 ୨୩ତମ ବର୍ଷ ସଂଖ୍ୟା-୧୬ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୧, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଆଜି ମହାଶିବରାତ୍ରୀ



ଭୁବନେଶ୍ୱର,୨୦।୨(ପି.ଏନ): ଆସନ୍ତାକାଲି (ଶୁକ୍ରବାର) ମହା ଶିବରାତ୍ରୀ ଉତ୍ସବ ପାଳନ ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ମନ୍ଦିରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାତି ୧୦ ଟାରେ ମହାଦ୍ୱୀପ ଉଠିବା ନେଇ ନୀତି ନିର୍ଘଂଟ ହୋଇଛି। ଏହାସହ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ଟ୍ରାଫିକ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାପାଇଁ ସର୍ବସାଧାରଣଙ୍କ ପାଇଁ ଆଡଭାଇଜରୀ ଜାରୀ କରାଯାଇଛି। ମହାଶିବରାତ୍ରୀ ପାଇଁ ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ନୀତିନିର୍ଘଂଟ କରାଯାଇଛି। ନୀତି ଅନୁଯାୟୀ ମହାଶିବରାତ୍ରୀ ପ୍ରାତଃ ୩.୦୦ ରୁ ୩.୩୦ ମଧ୍ୟରେ ମଙ୍ଗଳ ଆଳତୀ ଓ ଅବକାଶ ନୀତି ହେବ। ସେହିପରି ଭୋର୍ ୩.୩୦ରୁ ଦିନ ୧୧.୦୦ ପର୍ଯ୍ୟନ୍ତ ସାହାଣମେଳା ଦର୍ଶନ ଅନୁଷ୍ଠିତ ହେବ। ଏହାସହ ରୋଷହୋମ ସକାଳ ୬.୩୦ରେ, ଛାମୁ ପରିଷ୍କାର ପୂର୍ବାହ୍ନ ୧୧ଟା ଠାରୁ ୧୨ଟା ପର୍ଯ୍ୟନ୍ତ, ମହାସ୍ନାନ ଓ ବେଶ ୧୨.୦୦ରୁ ୧୨.୪୫, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀଜୀଉଙ୍କ ଠାକୁରାଣୀ ବଲ୍ଲଭ ଓ ସକାଳଧୂପ ଅପରାହ୍ନ ୧୨.୪୫ରୁ ୨.୩୦ ମଧ୍ୟରେ ହେବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱରୀଙ୍କ ସକାଳ ଧୂପ ୨.୩୦ ଠାରୁ ୨.୪୫, ଭୋଗମଣ୍ଡପ ଅପରାହ୍ନ ୨.୪୫ ଠାରୁ ୩.୪୫, ସାହାଣମେଳା ଦର୍ଶନ ଅପରାହ୍ନ ୩.୪୫ ଠାରୁ ୪.୪୫, ଛାମୁ ପରିଷ୍କାର ଅପରାହ୍ନ ୪.୪୫ରୁ ୪.୧୫ ମଧ୍ୟରେ, ଶ୍ରୀଜୀଉଙ୍କ ବେଶ ଅପରାହ୍ନ ୫.୧୫ ଠାରୁ ୫.୪୫, ବୀରକିଶେରୀ ବଲ୍ଲଭ, ଦ୍ୱିପ୍ରହର ଧୂପ ଓ ଭୁବନେଶ୍ୱରୀଙ୍କ ଦ୍ୱିପହର ଧୂପ ଅପରାହ୍ନ ୪.୪୫ ଠାରୁ ୭.୦୦, ଶ୍ରୀଜୀଉଙ୍କ ପହୁଡ଼ ସନ୍ଧ୍ୟା ୭.୦୦ରୁ ୭.୧୦, ଶ୍ରୀଜୀଉଙ୍କ ସନ୍ଧ୍ୟା ଆଳତୀ ଓ ଟେରାଫିଟା ସନ୍ଧ୍ୟ ୭.୧୦ ଠାରୁ ୭.୩୦, ଶ୍ରୀଜୀଉଙ୍କ ମାଜଣା ଓ ବେଶ ସନ୍ଧ୍ୟା ୭.୩୦ରୁ ୮.୧୦, ଶ୍ରୀଜୀଉଙ୍କ ଯାତ୍ରା ପୂଜା ଓ ବେଢ଼ା ରାତ୍ରୀ ୮.୧୦ରୁ ୮.୫୫, ଶ୍ରୀଜୀଉଙ୍କ ସନ୍ଧ୍ୟାଧୂପ ଓ ତୀର୍ଥ ଜଳ ଆନୟନ ୮.୫୫ ଠାରୁ ୧୦.୦୦, ମହାଦୀପ ଦର୍ଶନ ରାତ୍ରୀ ୧୦.୦୦ ଟା, ସାହାଣମେଳା ଦର୍ଶନ ରାତ୍ର ୧୦.୦୦ ଠାରୁ ୧୧.୦୦, ଭୁବନେଶ୍ୱରୀଙ୍କ ସନ୍ଧ୍ୟାଧୂପ ଓ ପୂଜା, ଶ୍ରୀଜୀଉଙ୍କ ଛାମୁ ପରିଷ୍କାର ରାତ୍ରୀ ୧୧.୦୦ ଠାରୁ ୧୧.୩୦, ଚାରିପ୍ରହର ପୂଜା ରାତ୍ରୀ ୧୧.୩୦ ଠାରୁ ୩.୩୦, ହରିହର ଭେଟ ଭୋର ୩.୩୦ରୁ ୪.୩୦ ଓ ବଡ଼ସିଂହାର ଓ ପହୁଡ଼ ଭୋର ୪.୩୦ ଠାରୁ ୫.୧୫ ମଧ୍ୟରେ ହେବାର ନୀତିନିର୍ଘଂଟ ହୋଇଛି ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଲିଙ୍ଗରାଜ ମନ୍ଦିର ବ୍ୟତୀତ ରାମେଶ୍ୱର ମନ୍ଦିର , ଭାସ୍କରେଶ୍ୱର ମନ୍ଦିର , ବ୍ରହ୍ମେଶ୍ୱର ମନ୍ଦିର , ଗୋସଗୋରେଶ୍ୱର ମନ୍ଦିର ଆଦିରେ ମଧ୍ୟ ବ୍ୟାପକ ପ୍ରସ୍ତୁତି କରାଯାଇଛି।



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଟେକ୍ ମହିନ୍ଦ୍ରାର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ସି.ପି. ଗୁରୁନାନିଙ୍କ ସାକ୍ଷାତ୍ ଆଲୋଚନା

## ପଟିଆ ବିଗବଜାରକୁ ସିଲ କଲା ବିଏମସି

ଭୁବନେଶ୍ୱର, ୨୦।୨(ପି.ଏନ): ଭୁବନେଶ୍ୱର ପଟିଆ ଠାରେ ଥିବା ବିଗ୍ ବଜାରକୁ ଗୁରୁବାର ସିଲ୍ କରାଯାଇଛି। ପାର୍କିଂ ସୁବିଧା ଓ ସୁରକ୍ଷା ମାନକକୁ ପାଳନ କରି ନ ଥିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ବିଗବଜାର ବିଲ୍ଡିଂକୁ ସିଲ କରାଯାଇଛି । ବିଏମସିର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ବିଗ୍ ବଜାର ସିଲ୍ ଚାଲିଥିବା ଜଣାପଡ଼ିଛି । ପରିମଳ, ଅଗ୍ନି ନିର୍ବାପନ ବ୍ୟବସ୍ଥା ଓ ପାର୍କିଂ ସମସ୍ୟା କାରଣରୁ ପଟିଆ ବିଗ୍ ବଜାରକୁ ସିଲ୍ କରାଯାଇଥିବା କମିଶନ ପକ୍ଷରୁ କୁହା ଯାଇଛି।

## ବାଙ୍କୀ ଡ଼ବଲ ମର୍ଡ଼ର ଘଟଣା

### ୨ ଗିରଫ, ମାଷ୍ଟର ମାଇଣ୍ଡ କାଳିଆ ଅଟକ

କଟକ, ୨୦।୨(ପି.ଏନ): କଟକ ଜିଲ୍ଲା ବାଙ୍କୀ ଡ଼ବଲ ମର୍ଡ଼ର ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଅଟକ ରଖିଛି । ଅଟକ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ପକ୍ଷରୁ ପଚରା ଉଚୁରା ଜାରୀ ରହିଛି । ଘଟଣାରେ ମାଷ୍ଟର ମାଇଣ୍ଡ ସୁଶାନ୍ତ ପ୍ରଧାନ ଓରଫ କାଳିଆ ଅଟକ ଥିବା ନେଇ ସୂଚନା ଦେଇଛନ୍ତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ (ଏସପି) ରାଧାବିନୋଦ ପାଣିଗ୍ରାହୀ । ଆଜି ଅପରାହ୍ନରେ ଏସପି ଅଫିସରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ, ହତ୍ୟାକାଣ୍ଡରେ ୧୦ରୁ ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି । ହତ୍ୟାକାଣ୍ଡ ପଛରେ ପୂର୍ବ ଶତୃତା ରହିଛି ।

## ଧାମରା ବନ୍ଦରରେ ଲାଗିଥିବା ଦୁଇ ଚୀନ୍ ଜାହାଜ ନେଇ ଜିଲା ପ୍ରଶାସନର ସ୍ପଷ୍ଟୋକ୍ତି

ଭଦ୍ରକ, ୨୦।୨(ପି.ଏନ): ଚୀନ୍ର ଓ୍ୱାହନ୍ରୁ ସୃଷ୍ଟି ହୋଇଥିବା ଭୟଙ୍କର କରୋନା ଭାଇରସକୁ ନେଇ ସମଗ୍ର ବିଶ୍ୱରେ ଭୟର ବାତାବରଣ ଲାଗି ରହିଥିବାବେଳେ ଏହି ଜିଲାର ଧାମରା ପୋର୍ଟରେ ହଂକଂ ର ଦୁଇଟି ଜାହାଜ ଲାଗିଥିବା ନେଇ ଭଦ୍ରକ ଜିଲାବାସୀ ଆତଙ୍କିତ ହୋଇପଡିଛନ୍ତି। ତେବେ ଏ ନେଇ ସ୍ପଷ୍ଟିକରଣ ରଖିଛି ଜିଲା ପ୍ରଶାସନ। ପ୍ରଶାସନ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଜାହାଜ ଦୁଇଟି ହଂକଂର ହୋଇଥିବାବେଳେ ଏହା ବାଲାଂଦେଶର ଚିଟାଗଙ୍ଗରୁ ଗତକାଲି ଆସି ଧାମରାରେ ଲାଗିଛି। ଜାହାଜ ଦୁଇଟିରେ ରହିଥିବା ୪୪ ଜଣ କ୍ରୁ ମେମ୍ବର ହେଉଛନ୍ତି ଚୀନ୍ର ନାଗରିକ। ଜାହାଜ ଦୁଇଟିକୁ ଧାମରା ବନ୍ଦରର ଜିରୋ ପଏଣ୍ଟରେ ରଖାଯାଇ ନିୟମିତ ଭାବରେ ସମସ୍ତ ମେମ୍ବରଙ୍କୁ ଡାକ୍ତରୀ ପରୀକ୍ଷା କରାଯାଉଛି। ସ୍ୱାସ୍ଥ୍ୟ ପରୀକ୍ଷାରେ କୌଣସି ପ୍ରକାର କରୋନା ଭାଇରସ୍ ନଥିବାବେଳେ ଏହାକୁ ନେଇ ଭୟଭୀତ ନହେବା ପାଇଁ ଗଣମାଧ୍ୟମ ଜରିଆରେ ଜିଲାବାସୀଙ୍କୁ ସୂଚନା ଦେଉଛନ୍ତି ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର।

## ରାଜ୍ୟରେ ବଢୁଥିବା ବେକାରୀ ପ୍ରସଙ୍ଗ ବିଧାନସଭାରେ ଉଠାଇଲେ ବିରୋଧୀ ଦଳର ନେତା

ଭୁବନେଶ୍ୱର, ୨୦।୨(ପି.ଏନ): ରାଜ୍ୟରେ ବେକାରୀ ସମସ୍ୟା ଲଗାତାର ବଢୁଥିବା ଓ ରାଜ୍ୟର ଯୁବକ ମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ ରୂପେ ବିଫଳ ହୋଇଥିବା ପ୍ରସଙ୍ଗ ଉଠାଇଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ ।ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ନାୟକ କହିଥିଲେ ଯେ ଗତ ୨୧ ବର୍ଷ ଧରି ଶାସନ କ୍ଷମତାରେ ରହିଥିବା ବିଜେଡି ଦଳ ଯୁବକ ମାନଙ୍କୁ କର୍ମସଂସ୍ଥାନ ପ୍ରଦାନ କରିବାରେ ସମ୍ପୂର୍ଣ ରୂପେ ବିଫଳ ହୋଇଛି। ସେ କହିଛନ୍ତି ଯେ ୨୦୦୯ରୁ ଆଜି ଯାଏଁ ଦୀର୍ଘ ୧୦ ବର୍ଷ ଭିତରେ ରାଜ୍ୟର ଏମ୍ପଲୟମେଂଟ ଏକ୍ସଚେଂଜରେ ୨୨ ଲକ୍ଷ ୫୭ ହଜାର ବେକାର ଯୁବକ ଯୁବତୀ ଚାକିରି ପାଇଁ ନାମ ପଂଜିକୃତ କରିଥିଲେ ହେଲେ ମାତ୍ର ୨୬,୪୫୦ ଜଣଙ୍କୁ ନିଯୁକ୍ତି ନିଯୁକ୍ତି ମିଳିଛି। ଯାହାକି ନିଯୁକ୍ତି ହାର ପ୍ରାୟ ୧%। ଏହା ରାଜ୍ୟ ସରକାରଙ୍କ ଏହି ସମସ୍ୟାକୁ ନେଇ ଗମ୍ଭୀରତାକୁ ପ୍ରଦର୍ଶିତ କରୁଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କର ସ୍କିଲଡ ଓଡିଶା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଏଥିରେ ୬୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୯୩,୦୧୧ ତାଲିମପ୍ରାପ୍ତଙ୍କ ମଧ୍ୟରୁ ୨୧,୬୮୧ ନିଯୁକ୍ତି ପାଇଛନ୍ତି। ସରକାରଙ୍କର ନିଶ୍ଚିନ୍ତ ନିଯୁକ୍ତି କାର୍ଯ୍ୟକ୍ରମରେ ଓଡିଆ ଯୁବପିଢ଼ୀଙ୍କୁ ସଂପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି । ୨୦ ବର୍ଷ ଶାସନରେ ମୁଖ୍ୟମନ୍ତ୍ରୀ ରୋଜଗାର ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ତେଣୁ ଆଜି ସାରା ରାଜ୍ୟରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଯୁବକ ମାନେ ରାସ୍ତାକୁ ଆସି ଆନ୍ଦୋଳନ କରୁଛନ୍ତି ବୋଲି ସେ କହିଥିଲେ।

## ତାମିଲନାଡୁ ବସ୍ ଦୁର୍ଘଟଣାରେ ୧୯ ମୃତ

ଚେନ୍ନାଇ ,୨୦।୨(ପି.ଏନ): ଗୁରୁବାର ପ୍ରତ୍ୟୁଷରେ ତାମିଲନାଡୁର ତିରୁପୁର ଜିଲ୍ଲାରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାରେ ୧୯ ଜଣରୁ ଅଧିକ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୫ ଜଣ ଆହତ ହୋଇଛନ୍ତି। ରାତି ପ୍ରାୟ ୩ଟା ବେଳେ ବସ୍ ଟିକୁ ଏକ ଟ୍ରକ୍ ଧକ୍କାଦେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ମୃତକଙ୍କ ମଧ୍ୟରେ ୧୪ ଜଣ ପୁରୁଷ ଏବଂ ୫ ଜଣ ମହିଳା ଅଛନ୍ତି।ସୂଚନା ଅନୁଯାୟୀ କେରଳ ରାଜ୍ୟ ସଡ଼କ ପରିବହନ ନିଗମର କେରଳ ରାଜ୍ୟ ସରକାରଙ୍କର ଏହି ଭୋଲଭୋ ବସ୍ ଟି କର୍ଣ୍ଣାଟକର ବେଙ୍ଗାଲୁରୁ ରୁ କେରଳର ଏର୍ଣ୍ଣାକୁଲମ୍ ଅଭିମୁଖେ ଯାତ୍ରା କରୁଥିଲା। ଏଥିରେ ପ୍ରାୟ ୪୮ଜଣ ବ୍ୟକ୍ତି ଥିଲେ। ଗୁରୁବାର ରାତି ୩ଟା ବେଳେ ତାମିଲନାଡୁର ତିରୁପୁର ନିକଟ ଅବିନାଶୀ ସହରରେ ଏକ କଂଟେନର୍ ଟ୍ରକ୍ ସହ ଧକ୍କା ଖାଇଥିଲା। ଫଳରେ ପ୍ରାୟ ୧୯ଜଣଙ୍କର ମୃତ୍ୟୁ ଘଟିଛି। କେରଳ ରାଜ୍ୟ ସଡ଼କ ପରିବହନ କର୍ପୋରେସନ୍ ର ପରିଚାଳନା ନିର୍ଦ୍ଦେଶକଙ୍କୁ ରାଜ୍ୟ ସରକାର ଘଟଣାସ୍ଥଳକୁ ପଠାଇଛନ୍ତି। ରାଜ୍ୟ ପରିବହନ ମନ୍ତ୍ରୀ ଏ କେ ଶଶୀନ୍ଦ୍ରନ୍ କହିଛନ୍ତି ଯେ ସମସ୍ତ ଆହତଙ୍କୁ କେରଳ ଅଣାଯିବ। ସରକାର ସେମାନଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ।

## ଓଡ଼ିଶା-ମୋ ପରିବାର ସହାୟତାରେ କନ୍ଦୁକୁର, ତେଲେଙ୍ଗାନାର ଏକ ଇଟାଭାଟିରୁ ୪ ଜଣ ଦାଦନ ଶ୍ରମିକ ଉଦ୍ଧାର

ଭୁବନେଶ୍ୱର, ୨୦।୨(ପି.ଏନ):- ସୁବର୍ଣ୍ଣପୁର ଜିଲ୍ଲାର ୪ ଜଣ ଓଡ଼ିଆ ଶ୍ରମିକଙ୍କୁ ତେଲେଙ୍ଗାନାର ଏକ ଇଟାଭାଟିରେ ଅଟକ ରଖି ଯୋର ଜବରଦସ୍ତ ସେମାନଙ୍କୁ କାମରେ ଲଗାଉଥିବା ଏକ ଠିକାଦାର କବଳରୁ ଓଡ଼ିଶା-ମୋ ପରିବାର ଉଦ୍ଧାର କରି ସେମାନଙ୍କ ଗ୍ରାମକୁ ଫେରାଇଆଣିଛି ।ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ବାବୁପାଲି ଗ୍ରାମର ୪ ଜଣ ଓଡ଼ିଆ ଶ୍ରମିକ କାମ କରିବା ଉଦ୍ଦେଶ୍ୟରେ ତେଲେଙ୍ଗାନା ଯାଇଥିଲେ ।ସେମାନେ ହେଲେ ତ୍ରିନାଥ ସୁନା, ତିଲୋତମା ସୁନା, ହିତ ନନ୍ଦ, ସରସ୍ୱତୀ ମହାନନ୍ଦ । ସେମାନେ ତେଲେଙ୍ଗାନାର ରାଙ୍ଗାରେଡ୍ଡୀ ଜିଲ୍ଲା ଅନ୍ତର୍ଗତ କନ୍ଦୁକୁର ଗ୍ରାମର ଏକ ଇଟାଭାଟିରେ କାମ କରୁଥିଲେ ଏବଂ ସେଠାରେ ଫସି ରହିଥିଲେ । ତେବେ ଏ ସମ୍ପର୍କରେ ତୁଳାରାମ ସୁନା ନାମକ ଜଣେ ବ୍ୟକ୍ତି ମୋ ପରିବାରର ହେଲ୍ପ ଲାଇନ୍ ନମ୍ବର ମାଧ୍ୟମରେ ଆମକୁ ଜଣାଇଥିଲେ । ଏହାପରେ ତୁରନ୍ତ ଏହି ଘଟଣା ସମ୍ପର୍କରେ ଓଡ଼ିଶା-ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକଙ୍କୁ ଅବଗତ କରାଯାଇଥିଲା । ଶ୍ରୀ ପଟ୍ଟନାୟକ ଘଟଣା ବିଷୟରେ ଜାଣିବା ପରେ ସଂଗେ ସଂଗେ ଏ ସମ୍ପର୍କରେ ଆନ୍ଧ୍ରପ୍ରଦେଶର ପୂର୍ବତନ ଡି.ଜି.ପି ଏସ.ଏ.ହୁଡ୍ଡାଙ୍କୁ ଅବଗତ କରାଇଥିଲେ ।ଶ୍ରୀ ହୁଡ୍ଡା ଘଟଣା ସମ୍ପର୍କରେ ତେଲେଙ୍ଗାନା ଅତିରିକ୍ ଡି.ଜି. ଜିତେନ୍ଦ୍ର କୁମାରଙ୍କୁ ଅବଗତ କରାଇ ତୁରନ୍ତ ତଦନ୍ତ ଆରମ୍ଭ କରିବାକୁ ଅନୁରୋଧ କରିଥିଲେ । ଏହା ପରେ କନ୍ଦୁକୁର ଏସ.ଏଚ ଓ ଇଟାଭାଟିରେ ପହଂଚି ଶ୍ରମିକ ମାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ କନ୍ଦୁକୁର ଥାନାକୁ ନେଇଯାଇଥିଲେ ଏବଂ ସମ୍ପୃକ୍ତ ଇଟାଭାଟିର ମାଲିକକୁ ସେମାନଙ୍କୁ ନିଜ ଘରକୁ ପଠାଇବାର ସମସ୍ତ ବନ୍ଦୋବସ୍ତ କରିବାକୁ କହିଥିଲେ । ଫେବୃଆରୀ ୧୮ ତାରିଖରେ ଶ୍ରମିକମାନେ ଟ୍ରେନ ମାଧ୍ୟମରେ ଆସି ୧୯ ତାରିଖରେ ସୁବର୍ଣ୍ଣପୁରରେ ପହଂଚି ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଉଦ୍ଧାର ହୋଇ ଆସିଥିବା ଶ୍ରମିକମାନେ ଓଡ଼ିଶା-ମୋ ପରିବାରର ଏଭଳି ସହଯୋଗ ଓ ବଦାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମୋ ପରିବାରର ସଦସ୍ୟଙ୍କ ପ୍ରତି ନିଜର କୃତଜ୍ଞତା ଜ୍ଞାପନ କରିଥିଲେ।

## ଯୁବତୀଙ୍କୁ ଅଶ୍ଳୀଳ ମେସେଜ୍ ପଠାଇ ବୃଦ୍ଧ ଗିରଫ

ଭଦ୍ରକ, ୨୦।୨(ପି.ଏନ): ଜଣେ ଯୁବତୀଙ୍କୁ ଅଶ୍ଳୀଳ ମେସେଜ୍ ପଠାଇବା ଅଭିଯୋଗରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୁଲିସ୍ ଆଜି ଜଣେ ବୃଦ୍ଧଙ୍କୁ ଗିରଫ କରିଛି। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଏହି ବୃଦ୍ଧ ଜଣକ ବିଭିନ୍ନ ଯୁବତୀ ଓ ମହିଳାଙ୍କୁ ଅଶ୍ଳୀଳ ମେସେଜ୍ ପଠାଇ ଘଣ୍ଟାକୁ ୨ ହଜାର ଟଙ୍କାର ଅଫର ଦେଉଥିଲା। ଖୋର୍ଦ୍ଧା ଜିଲା ଜଟଣୀ ଅଂଚଳର ଏସ.କେ. ସରିଫ ନାମକ ଜଣେ ବୃଦ୍ଧ ୨୦୦୨ ମସିହାରୁ ଏହି ଜିଲାର ଚରମ୍ପାର ଏରେଇଁ ଅଂଚଳରେ ସପରିବାର ରହିଆସୁଥିଲେ। ସେ ଏଫ୍‌ସିଆଇରେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ତେବେ ଚାକିରୀରୁ ଅବସର ପରେ ସେ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବାର ଅଭିଯୋଗ ହୋଇଛି। ଏହି ଅଭିଯୋଗ ମୂଳେ ସେ ବିଭିନ୍ନ କଲେଜ ପଢୁଆ ଛାତ୍ରୀ, ଯୁବତୀ ଓ ମହିଳାଙ୍କୁ ଅଶ୍ଳୀଳ ମେସେଜ୍ ପଠାଇ ଏହି ଅନୈତିକ ସଂପର୍କ ରଖିଲେ ଘଣ୍ଟାକୁ ୨ ହଜାର ଟଙ୍କା ଦିଆଯିବ ବୋଲି ପ୍ରସ୍ତାବ ଦେଉଥିଲା।

## ଭଦ୍ରକରେ ଧରାପଡିଲେ ବ୍ରାଉନସୁଗାର ବିକୁଥିବା ମହିଳା

ଭଦ୍ରକ, ୨୦।୨(ପି.ଏନ): କେନ୍ଦ୍ରାଞ୍ଚଳ ଗୁଇନ୍ଦା ଅବକାରୀ ବିଭାଗ ଆଜି ଭଦ୍ରକରେ ବ୍ରାଉନ୍‌ସୁଗାର ଚୋରା ବେପାର କରୁଥିବା ଜଣେ ମହିଳାକୁ ଗିରଫ କରିଛି। ଭଦ୍ରକ ଚରମ୍ପାର ବଉଳପୋଖରୀ ଅଂଚଳର ଏହି ମହିଳାଙ୍କ ନିକଟରୁ ୨୪ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗ। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨.୫ ଲକ୍ଷ ହେବ। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ବଉଳପୋଖରୀ ଅଂଚଳର କଲ୍ୟାଣୀ ମଲ୍ଲିକ ଦୀର୍ଘଦିନ ହେବ ବ୍ରାଉନ୍‌ସୁଗାର ବ୍ୟବସାୟ କରୁଥିବା ବିଷୟ କେନ୍ଦ୍ରାଞ୍ଚଳ ଗୁଇନ୍ଦା ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ଫଳରେ କେନ୍ଦ୍ରାଞ୍ଚଳ ଅବକାରୀ ନିରୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଆଜି କଲ୍ୟାଣୀଙ୍କୁ ଗିରଫ କରି ତାଙ୍କ ନିକଟରୁ ବ୍ରାଉନ୍‌ସୁଗାର ଜବତ କରିଛି। ଏଠାରେ ସୂଚନାଯୋଗ୍ୟ କଲ୍ୟାଣୀଙ୍କ ସ୍ୱାମୀ ମଧ୍ୟ ଏହି କାରବାର କରିଆସୁଥିବାବେଳେ ଚାରିବର୍ଷ ତଳେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା।

## ଅମିତ୍ ଶାହାଙ୍କ ଅରୁଣାଂଚଳ ପ୍ରଦେଶ ଗସ୍ତକୁ ଚୀନ୍ ର ବିରୋଧ

ନୂଆଦିଲ୍ଲୀ ,୨୦।୨(ପି.ଏନ): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ଗୁରୁବାର ଅରୁଣାଂଚଳ ପ୍ରଦେଶ ଗସ୍ତରେ ଯାଇଛନ୍ତି। ୩୪ ତମ ଅରୁଣାଚଳ ପ୍ରଦେଶ ରାଜ୍ୟ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଶାହା ସେଠାକୁ ଯାଇଛନ୍ତି । କିନ୍ତୁ ଚୀନ ଏହି ଗସ୍ତକୁ ବିରୋଧ କରିଛି। ଚୀନର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଦକ୍ଷିଣ ତିବ୍ବତ ତଥା ଭାରତ-ଚୀନ ସୀମାର ପୂର୍ବାଂଚଳ କ୍ଷେତ୍ର ସଂପର୍କରେ ଚୀନର ନୀତି ସବୁବେଳେ ସ୍ପଷ୍ଟ ରହିଆସିଛି। ଏହି ମନ୍ତ୍ରାଳୟର ମୁଖପାତ୍ର ଗେଂ ସୁଆଙ୍ଗ୍ କହିଛନ୍ତି ଯେ ଚୀନ ଭାରତର ତଥାକଥିତ ଅରୁଣାଚଳ ପ୍ରଦେଶରାଜ୍ୟକୁ ମାନ୍ୟତା ଦିଏ ନାହିଁ । ଏଣୁ କୌଣସି ଭାରତୀୟ ରାଜନେତାଙ୍କ ଗସ୍ତକୁ ଚୀନ ବିରୋଧ କରୁଛି । ଏହା ଏହି ଅଂଚଳରେ ସ୍ଥିରତାକୁ ପ୍ରଭାବିତ କରୁଛି ଓ ଚୀନର ସାର୍ବଭୌମତ୍ୱକୁ ଉଲ୍ଲଂଘନ କରୁଛି । ଏହା ମଧ୍ୟ ଦୁଇଦେଶ ମଧ୍ୟରେ ଥିବା ରାଜନୈତିକ ଭରସାକୁ ଭାଙ୍ଗୁଛି ବୋଲି କହିଛି।

## ସର୍ବ କ୍ଷମା ଯୋଜନାର ସମୟସୀମା ବଢାଇବାକୁ ଦାବି

ଭୁବନେଶ୍ୱର, ୨୦।୨(ପି.ଏନ): ଭୁବନେଶ୍ୱର ଓ କଟକ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ସର୍ବକ୍ଷମା ଯୋଜନାର ସମୟ ସୀମାକୁ ବଢାଇବାକୁ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଦାବି କରିଛନ୍ତି । ଅନ୍ୟ ପକ୍ଷରେ ନରସିଂହ ମିଶ୍ର ଏ ସମ୍ପର୍କରେ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ଏହି ଯୋଜନା ସମ୍ପର୍କରେ ସାଧାରଣ ଲୋକ ମାନେ ଜାଣି ପାରୁ ନାହାନ୍ତି। ତେଣୁ ଏଥିରେ ଲୋକ ମାନେ ଆବେଦନ କରୁ ନାହାନ୍ତି।

## ବେରୋଜଗାର ପ୍ରତିବାଦରେ ଯୁବମୋର୍ଚ୍ଚାର ବିକ୍ଷୋଭ : ୨୦ ବର୍ଷର ଶାସନରେ ରୋଜଗାର ଦେବାରେ ବିଫଳ ନବୀନ ସରକାର:ଯୁବମୋର୍ଚ୍ଚା

ଭୁବନେଶ୍ୱର, ୨୦।୨(ପି.ଏନ): ରାଜ୍ୟରେ ବେକାରୀ ସମସ୍ୟା ବୃଦ୍ଧି , ଶିକ୍ଷିତଯୁବକ ଯୁବତୀମାନଙ୍କୁ ନିଯୁକ୍ତି ନମିଳିବା, ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦବୀ ପୂରଣ ନହେବା, ରାଜ୍ୟରେ ଥିବା ଘରୋଇ କଂପାନୀମାନଙ୍କରେ ଓଡିଆ ଯୁବକମାନଙ୍କୁ ନିଯୁକ୍ତି ନମିଳିବା, ନିଯୁକ୍ତି ମେଳା ନାଁରେ ଶାସକ ଦଳର ନେତା ଚାନ୍ଦା ଆଦାୟ କରିବା ପ୍ରତିବାଦରେ ଗୁରୁବାର ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ରାଜଧାନୀ ଭୁବନେଶ୍ୱର ଠାରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟାଳୟରୁ ଏକ ବିଶାଳ ରାଲି ବାହାରି ଲୋୟର ପିଏମଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ରାଲି ପୂର୍ବରୁ ଦଳୀୟ କାର୍ଯ୍ୟାଳୟ ଠାରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଉଦବୋଧନ ଦେଇ କହିଛନ୍ତି ଯେ, ଶାସକ ବିଜେଡିର ଅପାରଗତ ଓ ସ୍ଥାଣୁତା କାରଣରୁ ଦୀର୍ଘ ୨୦ ବର୍ଷ ଶାସନ କ୍ଷମତା ଥିବା ସତ୍ୱେ ଆଜି ଓଡିଆ ଯୁବକ ଯୁବତୀମାନେ ବେରୋଜଗାର ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଯୁବକ ଯୁବତୀଙ୍କ ହକ୍ ର ଲଢେଇ ପାଇଁ ବିଜେପି ସଂଘର୍ଷ ଜାରି ରଖିବ । ସେ ଆହୁରି କହିଥିଲେ ଯେ ଦୀର୍ଘ ୨୦ ବର୍ଷ ଶାସନ ପରେ ଓଡିଆ ଯୁବକଙ୍କୁ ସରକାର ଧୋକ୍କା ଦେବା ସହ ପ୍ରତାରିତ କରିଛନ୍ତି । ରାଜ୍ୟ ସରକାରଙ୍କ ଅପରାଗତ ପାଇଁ ଆଜି ଓଡିଶା ବେରୋଜଗାରୀ ଏବଂ ବେକାରୀରେ ୧ ନମ୍ବର ସ୍ଥାନରେ ରହିଛି ।୨୦୦୯ରୁ ଆଜି ଯାଏଁ ଦୀର୍ଘ ୧୦ ବର୍ଷ ଭିତରେ ରାଜ୍ୟର ଏମ୍ପଲୟମେଂଟ ଏକ୍ସଚେଂଜରେ ୨୨ ଲକ୍ଷ ୫୭ ହଜାର ବେକାର ଯୁବକ ଯୁବତୀ ଚାକିରି ପାଇଁ ନାମ ପଂଜିକୃତ କରିଥିଲେ ହେଲେ ମାତ୍ର ୨୬,୪୫୦ ଜଣଙ୍କୁ ନିଯୁକ୍ତି ନିଯୁକ୍ତି ମିଳିଛି । ଯାହାକି ନିଯୁକ୍ତି ହାରର ମାତ୍ର ୧% । ସେହିପରି ରାଜ୍ୟ ସରକାରଙ୍କର ସ୍କିଲଡ ଓଡିଶା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଏହି କାର୍ଯ୍ୟକ୍ରମରେ ୬୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୯୩,୦୧୧ ତାଲିମପ୍ରାପ୍ତଙ୍କ ମଧ୍ୟରୁ ୨୧,୬୮୧ ନିଯୁକ୍ତି ପାଇଛନ୍ତି । ସରକାରଙ୍କର ନିଶ୍ଚିନ୍ତ ନିଯୁକ୍ତି କାର୍ଯ୍ୟକ୍ରମରେ ଓଡିଆ ଯୁବପିଢୀଙ୍କୁ ସଂପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି । ୨୦ ବର୍ଷ ଶାସନରେ ମୁଖ୍ୟମନ୍ତ୍ରୀ ରୋଜଗାର ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଖାଲିଥିବା ପଦବୀ ଗୁଡିକୁ ରାଜ୍ୟସରକାର ତୁରନ୍ତ ପୂରଣ କରିବା ସହ ଘରୋଇ କଂପାନୀମାନଙ୍କରେ ଓଡିଆଯୁବକ ଯୁବତୀମାନଙ୍କୁ ନିଯୁକ୍ତି ପ୍ରଦାନ କରନ୍ତୁ। ଯଦି ରାଜ୍ୟସରକାର ରାଜ୍ୟରେ ବେକାର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ନଦେବେ ତେବେ ଆଗାମୀ ଦିନରେ ବିଜେପି ରାଜ୍ୟ ଯୁବମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ଶ୍ରୀ ତ୍ରିପାଠୀ ଚେତାବନୀ ଦେଇଛନ୍ତି । ଏହି ପ୍ରତିବାଦ ପଦଯାତ୍ରାରେ ବିଶ୍ୱରଂଜନ ବଡଜେନା, ସତ୍ୟବାଦୀ ଚଇନି, ସିକନ୍ଦର ଅଲ୍ଲୀ, କାମାକ୍ଷା ପ୍ରଧାନ, ଇରାଶୀଷ ଆଚାର୍ଯ୍ୟ, ଦୀପକ ଗୋଛାୟତ, ଅଭିଷେକ ଆଚାର୍ଯ୍ୟ, ସ୍ୱାଧୀନ ମହାନ୍ତି, ସୁଜିତ ସାହୁ, ଧୀରେନ ପାତ୍ର, ଦିଲୀପ ବେହେରା, ରଶ୍ମିରଂଜନ ମୁଦୁଲି, ଦିଲୀପ ମହାନ୍ତି, ବାବୁ ସିଂ, ଜଗନ୍ନାଥ ପ୍ରଧାନ, ହରେକୃଷ୍ଣ ଖୁଂଟିଆଙ୍କ ସମେତ ହଜାର ହଜାର ସଂଖ୍ୟାରେ ଯୁବକ ଯୁବତୀ ସାମିଲ ଥିଲେ।

## ଇଣ୍ଡୋନେସିଆରେ ହେବ ବିଜୁ ଗ୍ୟାଲେରୀ : ଓଡିଶା ଗସ୍ତରେ ପଦ୍ମଶ୍ରୀ ଅଗୁଷ ଇନ୍ଦ୍ର ଉଦାୟନ

ଭୁବନେଶ୍ୱର, ୨୦।୨(ପି.ଏନ): ଇଣ୍ଡୋନେସିଆରେ ଏକ ବିଜୁ ଗ୍ୟାଲେରୀ କରାଯିବା ସହିତ ବିଜୁଙ୍କ ଜୀବନିକୁ ନେଇ କ୍ଷୁଦ୍ର ପୁସ୍ତକ ପ୍ରକାଶ କରାଯିବ ବୋଲି ଓଡିଶାକୁ ଇଣ୍ଡୋନେସିଆରୁ ତିନି ଦିନିଆ ଗସ୍ତରେ ଆସିଥିବା ପଦ୍ମଶ୍ରୀ ଅଗୁଷ ଇନ୍ଦ୍ର ଉଦାୟନ ପ୍ରକାଶ କରିଛନ୍ତି। ଦୀର୍ଘ ୨୦ ବର୍ଷ ଧରି ଗାନ୍ଧିଜୀଙ୍କ ବାର୍ତ୍ତାକୁ ଇଣ୍ଡୋନେସିଆରେ ସଠିକ୍ ଭାବରେ ଲୋକଙ୍କ ପାଖରେ ପହଂଚାଇବାରେ ସଫଳତାକୁ ଦେଖି ତାଙ୍କୁ ଭାରତ ସରକାର ପଦ୍ମ ସମ୍ମାନରେ ଭୂଷିତ କରିଛନ୍ତି। ଓଡିଶାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ସମୟରେ ପଦ୍ମଶ୍ରୀ ଅଗୁଷ ଇନ୍ଦ୍ର ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସୀ ପରିସରରେ ଥିବା ବିଜୁ ଗ୍ୟାଲେରୀ ଦେଖିବାକୁ ପହଂଚିଥିଲେ। ଏହାକୁ ବୁଲି ଦେଖିବା ପରେ ସେ ଅତ୍ୟନ୍ତ ଆନନ୍ଦିତ ହୋଇ କହିଥିଲେ ଯେ, ବିଜୁଙ୍କ ପ୍ରେରଣାରେ ଆଗାମୀ ପିଢୀଙ୍କୁ ଆଗେଇ ନେବା ଉଦ୍ଦେଶ୍ୟରେ ଏକ ଗ୍ୟାଲେରୀ ଇଣ୍ଡୋନେସିଆରେ କରିବା ପାଇଁ ମୁଁ ଆମ ଦେଶର ରାଷ୍ଟ୍ରପତିଙ୍କୁ ଅନୁରୋଧ କରିବି। ଏହା ସହିତ ଏକ କ୍ଷୁଦ୍ର ପୁସ୍ତକ ବିଜୁଙ୍କ ଜୀବନିକୁ ନେଇ ପ୍ରକାଶିତ ହେବ। ସେଥିରେ ସଂକ୍ଷିପ୍ତ ଭାବରେ ବିଜୁଙ୍କ ଜୀବନି ଓ ସାହସିକତା କୁ ପ୍ରକାଶିତ କରାଯିବ । ଯାହାକୁ ପଢି ନୂତନ ପିଢୀ ଖୁସି ଅନୁଭବ କରିବେ ଏବଂ ବିଜୁ ଙ୍କ ସାହସିକତା ଭଳି ନିଜ ଜୀବନକୁ ଗଠନ କରିବାରେ ଏହି ପୁସ୍ତକ ସହାୟକ ହେବ। ବିଜୁ ଗ୍ୟାଲେରୀ ବୁଲିବା ସମୟରେ ପଦ୍ମଶ୍ରୀ ଅଗୁଷ ସେଦିନର ରାଷ୍ଟ୍ରନାୟକ ସୁକର୍ଣ୍ଣଙ୍କ ସହିତ ବିଜୁଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକ, ଲେଡି ସୁକର୍ଣ୍ଣଙ୍କ ସହିତ ଜ୍ଞାନ ପଟ୍ଟନାୟକ କୋଳରେ ଗୀତା ମେହେଟ୍ଟା ଏବଂ ସୁକର୍ଣ୍ଣଙ୍କ ପୁତ୍ରୀ ମେଘାବତୀଙ୍କ ଫଟୋ କୁ ଦେଖି ଆତ୍ମବିଭୋର ହୋଇ ଯାଇଥିଲେ। ପଦ୍ମଶ୍ରୀ ଅଗଷ୍ଟ ଇନ୍ଦ୍ର ଗାନ୍ଧୀଙ୍କୁ ନେଇ ଯେଉଁ ସ୍ଥାନରେ ପ୍ରଚାର ପ୍ରସାର ପାଇଁ ଆଶ୍ରମ କରିଛନ୍ତି ତାରି ନିକଟରେ ବିଜୁ ଗ୍ୟାଲେରୀ ହେବ ବୋଲି ସେ ସୂଚନା ମଧ୍ୟ ଦେଇଥିଲେ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଷ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିା୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ଟ୍ୟରେ ସାହାଯଷ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ଟ୍ୟତୀତ ଅନଷ୍ଟ୍ୟ ରାଜଷ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ଟ୍ୟାରେ ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ୱଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ଟ୍ୟଟକଙ୍କ ଭିଡକୁ ଲକ୍ଷଷ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ଟ୍ୟତି ହେବି ନାହିଁ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

## ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

# "ଆମୋଫୋଇ"ରେ ଓଡ଼ିଶା ଯୁବତୀ ରାନୁଙ୍କ ସହ ସୁଇଡ଼େନ୍ ଯୁବକ ଉଇଲିୟମ୍‌ଙ୍କ ପ୍ରେମବିବାହ

ଭୁବନେଶ୍ୱର: ଏକ ଯୁଦ୍ଧଶୂନ୍ୟ ପୃଥିବୀ ଓ ଏକ ମମତାମୟ ମାନବ ସମାଜ ଗଠନ କ୍ଷେତ୍ରରେ ଆନ୍ତର୍ଜାତିକ ପ୍ରେମ ବିବାହର ଭୂମିକା ଅପରିହାର୍ଯ୍ୟ । ଦୁଇ ବିବଦମାନ ଅଂଚଳକୁ ଅତୀତରେ ରାଜକୁମାରୀ ଇଶାବେଲ୍ ଓ ରାଜକୁମାର ଫର୍ଡ଼ିନାଣ୍ଡ୍ ପ୍ରେମବିବାହ ବଳରେ ଯୁଦ୍ଧଶୂନ୍ୟ ଅଂଚଳରେ ପରିଣତ କରିଥିବାର ଦୃଷ୍ଟାନ୍ତ ମୂଳକ ନଜିରୀ ରହିଛି । ଆଧୁନିକ ସ୍ପେନ୍ ଦେଶ ଏହି ଦୁଇ ଦରଦି ହୃଦୟରୁ ସୃଷ୍ଟି ହୋଇଛି । ଜାତି, ଧର୍ମ, ଭାଷା, ରଂଗ ଓ ଆର୍ଥିକ ସ୍ଥିତିକୁ ନେଇ ଯେଉଁ ଭେଦଭାବ ଏବେ ବି ରହିଛି ଏବଂ ସାରା ବିଶ୍ୱରେ ନାନାଦି ସ୍ଥାନରେ ଯେଉଁ ସାଂପ୍ରଦାୟିକ ଦଂଗା ଓ ରକ୍ତପାତ ଘଟୁଛି ସେ ସବୁକୁ ପଛକୁ ଫିଙ୍ଗିଦେବାର ବଳିଷ୍ଠ ମାଧ୍ୟମ ହେଉଛି "ଆନ୍ତର୍ଜାତିକ ପ୍ରେମ ବିବାହ" । ଏପରି ବିବାହ ପାଇଁ ରାଜକୋଷରୁ ଅର୍ଥ ବିନିଯୋଗ ହେବା ନିହାତି ଦରକାର ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ "ଆମୋଫୋଇ" ପ୍ରତିଷ୍ଠାତା




ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର ଉଲ୍ଲେଖ କରିଛନ୍ତି । ସୁଦୂରରେ ଅବସ୍ଥିତ ୟୁରୋପୀୟ ଦେଶ ସୁଇଡ଼େନ୍‌ର ୨୩ ବର୍ଷୀୟ ଯୁବକ ଉଇଲିୟମ୍ ଓଡ଼ିଶାର କଟକ ଜିଲ୍ଲା ଅନ୍ତର୍ଗତ ବିରିବାଟି ଅଂଚଳର ୨୨ ବର୍ଷିୟା ଯୁବତୀ ରାନୁ ସାହୁଙ୍କୁ ସଂସ୍କାରବାଦୀ ସଂଗଠନ "ଆମୋଫୋଇ"ରେ ଫୁଲମାଳ ଆଦାନ ପ୍ରଦାନରେ ଚଳିତ ମାସ ୧୧ ତାରିଖରେ ପ୍ରେମ ବିବାହ କରିଛନ୍ତି। ଫଳତଃ ସେମାନେ ଆମୋଫୋଇ ସଂସ୍ଥାର ୮୬୩୧ ତମ ଦମ୍ପତିହୋଇଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ ଉଇଲିୟମ୍‌ଙ୍କ ପିତା ମି. ମାଗ୍‌ନସ୍ ଏକ୍‌ଷ୍ଟ୍ରୋମ୍ ପ୍ରାୟ ୨୭ ବର୍ଷ ତଳେ ଅର୍ଥାତ୍ ୧୯୯୩ ମସିହା ଅଗଷ୍ଟ ମାସ ୩୧ରେ ଓଡ଼ିଶା ରାଜ୍ୟର ଯୁବତୀ ରାଜକୁମାରୀ ନାୟକଙ୍କୁ "ଆମୋଫୋଇ" ସଂସ୍ଥାରେ ପ୍ରେମବିବାହ କରିଥିଲେ । ବୃତ୍ତିରେ ଉଇଲିୟମ ଏକ୍‌ଷ୍ଟ୍ରୋମ୍ ଜଣେ ବସ୍ ମେକାନିକ୍ । ତାଙ୍କ ପିତା ଜଣେ ବସ୍ ଡ୍ରାଇଭର । ଉଇଲିୟମ୍ ଓ ରାନୁଙ୍କ ପ୍ରେମବିବାହ ଉତ୍ସବରେ "ଆମୋଫୋଇ" ସଂସ୍ଥାର କୋଫାଉଣ୍ଡର ମ୍ୟାଡ଼ାମ୍ ସ୍ୱପ୍ନା ବିଜୟିନୀ ଅଧକ୍ଷତା କରିଥିଲେ । ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଲଭ୍ ମ୍ୟାରେଜ୍ ସାର୍ବଜନୀନ ଆବଶ୍ୟକତା ଉପରେ ଆମୋଫୋଇ ସଂପାଦକ ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର ବ୍ୟାପକଭାବେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିବାହ ଉତ୍ସବରେ ଉଇଲିୟମଙ୍କ ପିତା ମାଗ୍‌ନସ୍ ଏକ୍‌ଷ୍ଟ୍ରୋମ୍ ଓ "ବସୁନ୍ଧରା" ସ୍ୱେଚ୍ଛାସେବୀ ସଂସ୍ଥାର ଫାଉଣ୍ଡର ଶ୍ରୀମତୀ ଶୈଳ ବେହେରା ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ ।




# କାହିଁକି ବଢୁଛି ସିଜରିଆନ ଡେଲିଭରି !



ଭୁବନେଶ୍ୱର (ପିଏନ୍): ବୃଦ୍ଧି ପାଇଛି ସିଜରିଆନ୍ ଡେ୍ଲିଭରି। ହ୍ରାସ ପାଇଲାଣି ନର୍ମାଲ ଡେଲିଭରି ହାର। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଯଦିଓ ଜରୁରୀକାଳୀନ ଭିତ୍ତିରେ ୧୦ରୁ ୧୫ ପ୍ରତିଶତ ସିଜରିଆନ୍ ଡେଲିଭରିକୁ ଅନୁମତି ଦେଇଥିଲା, ହେଲେ ଆଜିକାଲି ଏହାର ହାର ବୃଦ୍ଧି ପାଇଛି। ନର୍ମାଲ ଡେଲିଭରି ପରିବର୍ତ୍ତେ ସିଜରିଆନ ଡେଲିଭରିର ପିଲାଙ୍କୁ ଅଧିକ ଦେଖିବାକୁ ମିଳୁଛି। ବିଶେଷକରି ଉଭୟ ବିକାଶ ଓ ବିକାଶଶୀଳ ଦେଶରେ ସିଜରିଆନ ଡେଲିଭରି ଦ୍ରୁତ ବେଗରେ ବୃଦ୍ଧି ପାଉଛି। ଭାରତରେ ଏହାର ହାର ୪୦ରୁ ୫୦ ପ୍ରତିଶତକୁ ବୃଦ୍ଧି ପାଇଛି। ତେବେ ଏହାର କାରଣ କ'ଣ ହୋଇପାରେ! **ଅଧିକ ସିଜରିଆନ ଡେଲିଭରିର କାରଣ :** ଉପଯୁକ୍ତ ଭାବରେ ପ୍ରସବ ଯନ୍ତ୍ରଣାହେଲେ ପିଲାଟି ନର୍ମାଲ ଡେଲିଭରିରେ ଜନ୍ମ ହୋଇଥାଏ। ହେଲେ ଯଦି ପ୍ରସବ ଯନ୍ତ୍ରଣା ହେଉଥିବ କିନ୍ତୁ ପିଲାଟି ନର୍ମାଣରେ ଜନ୍ମ ହେବା ପାଇଁ ଯନ୍ତ୍ରଣାରେ ଆବଶ୍ୟକ ଚାପ ନଥିବ, ତାହାଲେ ପିଲାଟି ନର୍ମାଲରେ ଜନ୍ମ ହେବାରେ ଅସୁବିଧା ହୁଏ। ଏହି ସମୟରେ ଡାକ୍ତର ବାଧ୍ୟ ହୁଅନ୍ତି ସିଜରିଆନ୍ ଡେଲିଭରି କରିବାକୁ। ପ୍ରସବ ସମୟକୁ ଯଦି ଗର୍ଭସ୍ଥ ଶିଶୁର ଅବସ୍ଥା ଠିକ ଭାବରେ ଥାଏ, ଅର୍ଥାତ୍ ପିଲାର ମୁଣ୍ଡ ଯଦି ପ୍ରସବ ଦ୍ୱାରକୁ ଥାଏ, ତେବେ ପିଲାଟି ନର୍ମାଲରେ ଜନ୍ମ ହୋଇଯାଏ। ଯଦି ଶିଶୁ ଗର୍ଭାଶୟ ମଧ୍ୟରେ କଡମାଡ଼ି ରହିଯାଇଥାଏ, ତାହାଲେ ସିଜରିଆନ୍ କରିବାକୁ ବାହାରକୁ ଆଣିବାକୁ ପଡ଼ିଥାଏ। ଯଦି ଗର୍ଭରେ ଯମଜ ଶିଶୁଥାଆନ୍ତି, ତାହାଲେ ସିଜରିଆନ କରି ପିଲାଙ୍କୁ ନିରାପଦରେ ବାହାରକୁ ଆଣିବା ସବୁଠୁ ଉତ୍ତମ। ଦୁଇ କିମ୍ବା ତିନୋଟି ପିଲା ଗର୍ଭରେ ଥିଲେ ନର୍ମାଲରେ ଡେଲିଭରିରେ ଜନ୍ମ ହେବା କଷ୍ଟକର ହୋଇଥାଏ। ଏଭଳି ପରିସ୍ଥିତିରେ ରିକ୍ସ ନନେଇ ସିଜରିଆନ୍ କରିବା ଦରକାର। ନର୍ମାଲ ଡେଲିଭରି ପାଇଁ ଗର୍ଭବତୀ ତଥା ମା'ର ସ୍ୱାସ୍ଥ୍ୟ ଅବସ୍ଥା ଉତ୍ତମ ଥିବା ଆବଶ୍ୟକ। ଏହାଦ୍ୱାରା ସେ ପିଲାକୁ ସାଧାରଣ ପ୍ରସବରେ ଜନ୍ମ ଦେବାକୁ ସକ୍ଷମ ହୋଇପାରିବ। ଯଦି ମା'ଠାରେ ହୃଦ୍‌ରୋଗ, ରକ୍ତହୀନତା, ରକ୍ତଚାପ, ଆଜ୍‌ମା, ଚିନ୍ତାଗ୍ରସ୍ତ ଜନିତ ରୋଗ ଆଦି ଥିଲେ ସିଜରିଆନ ଡେଲିଭରି ନିରାପଦ ହୋଇଥାଏ। ଏଚ୍‌ଆଇଭି ପଜେଟିଭ୍ ଥିଲେ ମଧ୍ୟ ସିଜରିଆନ ଡେଲିଭରି କରାଯାଏ। ନଚେତ୍ ଏହାଦ୍ୱାରା ପିଲାକୁ ଇନ୍‌ଫେକ୍ସନ ହୋଇପାରେ। ଯଦି ପ୍ରଥମ ପିଲା ସିଜରିଆନ ହୋଇ ଜନ୍ମ ହୋଇଥାଏ, ତେବେ ଦ୍ୱିତୀୟ ପିଲା ଜନ୍ମ ସମୟରେ ସିଜରିଆନ କରିବାକୁ ପଡ଼ିଥାଏ। କାରଣ ପ୍ରଥମ ସିଜରିଆନ ପରେ ଦ୍ୱିତୀୟ ପିଲା ନର୍ମାଲରେ ଜନ୍ମ କଷ୍ଟକର ହୋଇଥାଏ। ଗର୍ଭସ୍ଥ ପିଲାର ଓଜନ ବଢ଼ିଯାଇଥିଲେ ଅବା ପିଲା ମୁଣ୍ଡର ଆକାର ବଡ଼ ହୋଇଥିଲେ, ତେବେ ସିଜରିଆନ କରିବାକୁ ପଡ଼େ। କାରଣ ପିଲାର ଓଜନ ଅଧିକ ହେତୁ ନର୍ମାଲରେ ଜନ୍ମ ହେବା ମା ଓ ଶିଶୁ ପାଇ ବିପଦ। ଆଜିକାଲି ମା'ମାନେ ପ୍ରସବ ଜନିତ ଯନ୍ତ୍ରଣାକୁ ସହ୍ୟ କରିବାକୁ ରାଜି ନୁହନ୍ତି। ଏତେ ସମୟ ଯନ୍ତ୍ରଣା ସହିବାକୁ ତାଙ୍କ ପାଖରେ ଧୈର୍ଯ୍ୟ ନାହିଁ। ଏମିତିରେ ବି ଅଭିଭାବକମାନେ ମଧ୍ୟ ଧୈର୍ଯ୍ୟ ଶକ୍ତି ହରାଇ ଡାକ୍ତରଙ୍କୁ ସିଜରିଆନ କରିବାକୁ ବାଧ୍ୟ କରିଥାନ୍ତି। ଡାକ୍ତରମାନେ କେତେକ ସମୟରେ ନର୍ମାଲରେ ଡେଲିଭରି ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ ବି ଗର୍ଭବତୀ ଓ ତାଙ୍କର ନିଜ ଲୋକମାନେ ଏଥିରେ ବିଶ୍ୱାସ ନକରି ସିଜରିଆନ କରିବାକୁ ଡାକ୍ତରଙ୍କୁ ଏକ ପ୍ରକାର ବାଧ୍ୟ କରିଥାନ୍ତି। ଏଣୁ କେତେକ କେସ୍‌ରେ ନର୍ମାଲରେ ହୋଇପାରୁଥିବା ଡେଲିଭରିକୁ ସିଜରିଆନ କରିବାକୁ ପଡ଼େ। ଏହା ବ୍ୟତୀତ ଆଜିକାଲିର ଅତ୍ୟାଧୁନିକ କୌଶଳ ମାଧ୍ୟମରେ ତ ସହଜରେ ପିଲା ବାହାରକୁ ଆସିପାରୁଛି, କାହିଁକି ବା ଗର୍ଭବତୀ ଏତେ କଷ୍ଟ ସହ୍ୟ କରି ଜୀବନକୁ ବିପଦ ମଧ୍ୟକୁ ଟାଣିବ। ପୂର୍ବରୁ ଝିଅମାନେ କମ୍ ବୟସରେ ବିବାହ କରୁଥିଲେ ଫଳରେ କମ୍ ବୟସ ତଥା ୨୧ ରୁ ୨୫ ବର୍ଷ ମଧ୍ୟରେ ମା' ହୋଇଯାଉଥିଲେ। ଏହାଦ୍ୱାରା ମା'ର ପ୍ରସବ ଦ୍ୱାର ନମନୀୟ ଥାଏ, ଫଳରେ ପିଲା ନର୍ମାଲରେ ଜନ୍ମ ହେବା ସହଜ ହୋଇଥାଏ। ହେଲେ ଆଜିକାଲି ପ୍ରାୟତଃ ଝିଅ ପାଠ ପଢୁଆ ଆଉ କର୍ମଜୀବୀ। ଫଳରେ ୩୦ପୂର୍ବରୁ ବିବାହ କରୁନାହାନ୍ତି। ଏହାଦ୍ୱାରା ମା'ମଧ୍ୟ ବିଳମ୍ବରେ ହେଉଛନ୍ତି। ଅଧିକ ବୟସ ହେତୁ ପ୍ରସବ ଦ୍ୱାର ଏତେ ନମନୀୟ ନଥାଏ ତେଣୁ ସିଜରିଆନ କରିବାକୁ ପଡ଼ିଥାଏ। ସିଜରିଆନ ଡେଲିଭରି ହେବା ଦ୍ୱାରା ଉଭୟ ମା' ପିଲା ଅଳ୍ପ ସମୟ ମଧ୍ୟରେ ବିପଦ ମୁକ୍ତ ହୋଇପାରନ୍ତି ସତ, ଏହାଦ୍ୱାରା ମାତୃ ଓ ଶିଶୁ ମୃତ୍ୟୁ ହାରକୁ ରୋକାଯାଇପାରୁଛି ସତ, ହେଲେ ଏହାର ମଧ୍ୟ କେତେକ ନକରାତ୍ମକ ପ୍ରଭାବ ରହିଛି ଯାହାକି ମା ଓ ପିଲା ଉଭୟଙ୍କ ଉପରେ ପଡ଼ିଥାଏ। ସେହି ନକରାତ୍ମକ ପ୍ରଭାବ ଗୁଡ଼ିକ ହେଲା:- ସିଜରିଆନରେ ହୋଇଥିବା କ୍ଷତ ଶୁଖିବା ପାଇଁ ନର୍ମାଲ ଡେଲିଭରି ଠାରୁ ଅଧିକ ସମୟ ଲାଗେ। ମା' ଦେହରୁ ଅଧିକ ରକ୍ତ ବାହାରିଯାଏ। ହେଲେ ନର୍ମାଲ ଡେଲିଭରିରେ ଏତେ ରକ୍ତସ୍ରାବ ହୁଏନାହିଁ। ସିଜରିଆନ ଡେଲିଭରି ଯୋଗୁଁ ପିଲାଟିର ଅସ୍ଥି ଏତେ ଶକ୍ତିଶାଳୀ ହୋଇନଥାଏ। ଏହା ଯୋଗୁଁ ମଧ୍ୟପିଲାର ତ୍ୱଚାରେ ପ୍ରଭାବ ପଡ଼ିଥାଏ। ଅସ୍ତ୍ରୋପଚାର ସମୟରେ ପିଲାର ତ୍ୱଚା ଏକ ଧକ୍କା ପାଇଥାଏ। ସିଜରିଆନ ଯୋଗୁଁ ମଧ୍ୟ ମା'ଠାରେ ଇନ୍‌ଫେକ୍ସନ ଦେଖାଯାଏ। ୧୨ଜଣ ମହିଳାଙ୍କ ମଧ୍ୟରୁ ଜଣେ ଏହାର ଶିକାର ହୁଅନ୍ତି। ଅସ୍ତ୍ରୋପଚାର ହୋଇଥିବା ସ୍ଥାନ ଇନ୍‌ଫେକ୍ସନ ହୋଇଯିବା ଯୋଗୁଁ ସ୍ଥାନରୁ ପୂଜ ବାହାରେ, କୁଣ୍ଡାଇ ହୁଏ ଆଦି। ଯଦି ଡାଇବେଟିସ୍ ଅବା ଅତ୍ୟଧିକ ଓଜନ ହୋଇଥାଏ, ତାହାଲେ ଏହି ସମସ୍ୟା ଅଧିକ ଦେଖାଯାଏ। ସିଜରିଆନ ଡେଲିଭରିର ନକାରାତ୍ମକ ପ୍ରଭାବ ଥିଲେ ବି ଆଜିକାଲି ଅତ୍ୟାଧୁନିକ ଡାକ୍ତରୀ ବିଦ୍ୟା ଯୋଗୁଁ ଏହାକୁ ଦୂର କରାଯାଇପାରୁଛି। ଉଭୟ ମା' ଓ ପିଲା ସୁସ୍ଥ ରହିପାରୁଛନ୍ତି। **କିପରି ହେବ ନର୍ମାଲ:** ସିଜରିଆନ ପରେ ବହୁତ ଦେଖାଶୁଣା ଆବଶ୍ୟକ ପଡ଼ିଥାଏ। ଯଦି ଠିକ୍ ଭାବରେ ଦେଖାରଖା ନ କରିପାରିବେ, ତେବେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଏଥିପାଇଁ ଯେତେ ସମ୍ଭବ ନର୍ମାଲ ଡେଲିଭରି କରିବା ଦରକାର। ଏହାଦ୍ୱାରା ଆପଣଙ୍କ ଶରୀର ଠିକ୍ ରହିବା ସହିତ ଆପଣଙ୍କୁ କମ୍ ବିପଦର ସମ୍ମୁଖୀନ ହେବାକୁ ପଡ଼ିଥାଏ। ନର୍ମାଲ ଡେଲିଭରି ସିଜରିଆନ ଡେଲିଭରିଠାରୁ ବହୁ ଗୁଣରେ ଭଲ। କାରଣ ସିଜରିଆନ ଡେଲିଭରିରେ ଉଭୟ ମା' ଓ ପିଲାଙ୍କ ପାଇଁ ଅଧିକ ସମସ୍ୟା ଥାଏ। ସିଜରିଆନ ପରେ ଷ୍ଟ୍ରେଚ୍ ମାର୍କ ପଡ଼ିଯାଏ। ଏହାସହିତ କେତେକ ଦିଗ ପ୍ରତି ସତର୍କ ରହିବାକୁ ପଡ଼ିଥାଏ। ଯାହାକି ନର୍ମାଲ ଡେଲିଭରିରେ ନଥାଏ। ଏଣୁ ଅଧିକାଂଶ ମା'ନର୍ମାଲ ଡେଲିଭରିକୁ ପସନ୍ଦ କରିଥାନ୍ତି। ହେଲେ ଯେଉଁଠାରେ ମା' ଓ ପିଲା ଉଭୟଙ୍କ ଜୀବନ ପ୍ରତି ବିପଦ ଥାଏ, ସେଠାରେ ସିଜରିଆନ ଡେଲିଭରି ଉତ୍ତମ। ତେବେ ଆସନ୍ତୁ ଜାଣିବା କିପରି ହେବ ନର୍ମାଲ ଡେଲିଭରି। ପିଲାକୁ ଜନ୍ମ ଦେବା ସମୟରେ ବହୁତ କଷ୍ଟ ସହିବାକୁ ପଡ଼ିଥାଏ। ଏହା ସହଜ କଥା ନୁହେଁ। ଯଦି ଗର୍ଭବତୀ ଦୁର୍ବଳ ଅବା ରକ୍ତହୀନତା ହୋଇଥାଏ, ତେବେ ବହୁତ ଅସୁବିଧା ହେବ। ଏଣୁ ଗର୍ଭବତୀ ଥିବା ସମୟରେ ସ୍ୱାସ୍ଥ୍ୟର ପୁରା ଧ୍ୟାନ ରଖିବା ଦରକାର। ଏହାଦ୍ୱାରା ବହୁତ କମ୍ କଷ୍ଟ ହୋଇଥାଏ। ଗର୍ଭାବସ୍ଥା ସମୟରେ ଡାକ୍ତରଙ୍କ ଅନୁଯାୟୀ ଭୋଜନ କରନ୍ତୁ। ନର୍ମାଲ ଡେଲିଭରିରେ ଶରୀରରୁ ଦୁଇରୁ ଚାରି ଶହ ଏମ୍.ଏଲ୍ ରକ୍ତ ବାହାରିଯାଏ। ଏଥିପାଇଁ ପୁଷ୍ଟି ଓ ପୋଷଣଯୁକ୍ତ ଖାଦ୍ୟ ଅଧିକ ପରିମାଣରେ ଖାଆନ୍ତୁ। ଗର୍ଭଧାରଣ ସମୟରେ ଆଇରନ ଓ କ୍ୟାଲସିୟମ ପ୍ରଚୁର ପରିମାଣରେ ଆବଶ୍ୟକ। ଏଣୁ ଯେତେ ସମ୍ଭବ ଭୋଜନରେ ଆଇରନ ଓ କ୍ୟାଲସିୟମ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଗର୍ଭାଶୟରେ ଶିଶୁ ତରଳ ପଦାର୍ଥରେ ଭରା ଏକ ଝୋଲିରେ ରହିଥାଏ। ଏହାଦ୍ୱାରା ହିଁ ଶିଶୁକୁ ଶକ୍ତି ମିଳିଥାଏ। ଏଥିପାଇଁ ଆପଣଙ୍କୁ ପ୍ରତିଦିନ ୮ରୁ ୧୦ ଗ୍ଲାସ ପାଣି ପିଇବା ବହୁତ ଆବଶ୍ୟକ। ଏହି ସମୟରେ ଶରୀରରୁ ପାଣି ଆଦୌ କମ୍ ହେବା ଅନୁଚିତ। ଗର୍ଭବତୀ ମହିଳାଙ୍କ ପାଇଁ ଆରାମ କରିବା ଏକାନ୍ତ ଆବଶ୍ୟକ। ଏହାର ଅର୍ଥ ନୁହେଁ ଆଦୌ କାମ ନକରି ବସି ରହିବା ଅବା ଶୋଇ ରହିବା। ଭାରି କାମ ନକରି ହାଲୁକା କାମ କରିପାରିବେ। ଏକ କିମ୍ବା ଦୁଇ କିଲୋମିଟର ଚାଲିପାରିବେ। ଏହାସହ ଏକ୍ସରସାଇଜ ଏକାନ୍ତ ଆବଶ୍ୟକ। ଡାକ୍ତରଙ୍କ ପରାମର୍ଶରେ ଏକ୍ସରସାଇଜ କରିବେ। ଏହାଦ୍ୱାରା ପ୍ରସବ ଦ୍ୱାର ନମନୀୟ ହୋଇ ରହିବ। ପ୍ରସବ ସମୟକୁ ନର୍ମାଲ ଡେଲିଭରି ପାଇଁ ସମସ୍ୟା ସୃଷ୍ଟି ହେବନାହିଁ।

**(ସୌଜନ୍ୟ: ଡାକ୍ତର କାନ୍ତୀ ନାୟକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ସିଟି ହସ୍ପିଟାଲ, କଟକ, ଦୂରଭାଷ: ୯୪୩୭୬୬୬୪୫୩)**

# ନିଗମ ହେଲ୍‌ଥ କେୟାର ନୂତନ ଶାଖାର ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ନିମ୍ନ, ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ଶୁଭାରମ୍ଭ ହେଲା ନିଗମ ହେଲ୍‌ଥ କେୟାର। ଗଙ୍ଗନଗରଠାରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ନିଗମ ହେଲ୍‌ଥ କେୟାର ଉଦ୍‌ଘାଟିତ ହୋଇଯାଇଛି। ଅନ୍ୟତମ ଅତିଥି ଭାବେ ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମରେଶ ପତ୍ରୀ, ପୂର୍ଣ୍ଣ ଉତ୍କଳର ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର ଓ କ୍ରିଟିକାଲ କେୟାର ବିଶେଷଜ୍ଞ ଡ. ହରିଶ ଚୌଧୁରୀ ଯୋଗ ଦେଇଥିଲେ। ହସ୍ପିଟାଲ ପରିଚାଳନା ନିର୍ଦ୍ଦେଶକ ଡ. ଅନୁପମ ବେହେରା ଓ ପ୍ରତିଷ୍ଠାତା ଭଗବାନ ଚରଣ ବେହେରା ସମସ୍ତ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କର୍ପୋରେଟ ଢାଞ୍ଚାରେ ନିମ୍ନ-ମଧ୍ୟବିତ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇବାର ସୁବିଧା କରୁଥିବାରୁ ମନ୍ତ୍ରୀ ଶ୍ରୀ ପଣ୍ଡା ଖୁସି ପ୍ରକାଶ କରିଥିଲେ। ଯୁବ ଡାକ୍ତର ତଥା ଜଣେ ସଫଳ ଉଦ୍ୟୋଗୀ ହୋଇଥିବାରୁ ଡ. ଅନୁପମ ବେହେରାଙ୍କୁ ରାଜ୍ୟ ଯୁବ ବିଜେଡ଼ି ସଭାପତି ଶ୍ରୀଯୁକ୍ତ ଅମରେଶ ପତ୍ରୀ ଭୂୟସୀ ପ୍ରଶଂସା କରିଥିଲେ। ସ୍ୱାସ୍ଥ୍ୟର ବ୍ୟବସାୟୀକରଣ ନ କରି ସେବାକୁ ଧ୍ୟାନଦେବା ପାଇଁ ମନୋରଞ୍ଜନ ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ସ୍ୱାସ୍ଥ୍ୟ ଓ ସମାଜ ସେବାରେ ନିଗମ ହେଲ୍‌ଥ କେୟାର ସହରରେ ବାସ କରୁଥିବା ନିମ୍ନ ମଧ୍ୟବିତ୍ତଙ୍କ ପାଖରେ ଅହରହ ଲାଗି ରହୁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ହରିଶ ଚୌଧୁରୀ କାମନା କରିଥିଲେ। ଆଗାମୀ ଦିନରେ ସହରାଞ୍ଚଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମେ ଉଦାହରଣ ସୃଷ୍ଟି କରିବୁ ବୋଲି ଡ. ବେହେରା ମତବ୍ୟକ୍ତ କରିଥିଲେ।

# ଶାନ୍ତିର ଦୂତ ଆମେ ଦୁନ୍ଦୁଭିର ବିଭୀଷିକା



କାଳଜୟୀ ଋଷିମୁନି ଓ କୃଷିର ଦେଶ ହେଉଛି ଆମ ଭାରତବର୍ଷ। ବସୁଧୈବଂ କୁଟୁମ୍ବକମ୍ ନ୍ୟାୟରେ ସମଗ୍ର ବିଶ୍ୱ ହେଉଛି ଆମର ପରିବାର। ଜାତି, ଧର୍ମ, ବର୍ଣ୍ଣ ଓ ଭାଷାର ବିବିଧତାରେ ଗରିୟାନ ଏହି ଭାରତ ନିଜର ନୀତିରୁ କେବେହେଲେ ଓହରି ଯାଇନାହିଁ। ବୁଦ୍ଧ, ଜୈନ, କବୀର, ନାନକ ଓ ରାମଙ୍କ ଜନ୍ମସ୍ଥଳୀ ଭାରତରେ ବହୁ ଭାଷାଭାଷୀ ତଥା ଧର୍ମାବଲମ୍ବୀ ବିନା ଦ୍ୱିଧାରେ ବାସ କରିଛନ୍ତି ବର୍ଷ ବର୍ଷ ଧରି। ବିଶ୍ୱରେ ଇଣ୍ଡୋନେସିଆକୁ ଛାଡ଼ିଦେଲେ ସର୍ବାଧିକ ମୁସ୍‌ଲିମ୍ ସମ୍ପ୍ରଦାୟ ଭାରତରେ ହିଁ ବାସ କରୁଛନ୍ତି। ଖ୍ରୀଷ୍ଟିୟାନମାନେ ଆମ ଦେଶରେ ନିଜର ଧର୍ମର ପ୍ରଚାର ପ୍ରସାର ସହ ଶାନ୍ତିରେ ବସବାସ କରୁଛନ୍ତି। ଇହୁଦି, ବାହାଇ ଭଳି ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟ ଭାରତରେ ରହିବାକୁ ପସନ୍ଦର କରୁଥିବା ବେଳେ ଜୋରାଷ୍ଟ୍ରିୟାନ, ଜୈନଧର୍ମୀ ଓ ବୌଦ୍ଧଧର୍ମୀମାନେ ନିଜକୁ ଭାରତୀୟ ବୋଲି ଗର୍ବ କରୁଛନ୍ତି। ବିଶ୍ୱଶାନ୍ତି ପାଇଁ ଭାରତର ପ୍ରଚେଷ୍ଟା ଓ ସହଯୋଗ ଆଗାମୀ ବହୁ ବର୍ଷ ଧରି ବିଶ୍ୱକୁ ରାସ୍ତା ଦେଖାଇବ। ଆମର ମହାକାବ୍ୟ ରାମାୟଣ ଓ ମହାଭାରତରେ ଶାନ୍ତି ହିଁ ପ୍ରଥମ ମାର୍ଗ ବୋଲି ଦର୍ଶାଯାଇଛି। ଗୌତମ ବୁଦ୍ଧ ରାଜ ସିଂହାସନ ତ୍ୟାଗ କରି ଶାନ୍ତି ଓ ଅହିଂସା ପାଇଁ ଏହି ବିଶ୍ୱକୁ ମାର୍ଗ ଦେଖାଇଛନ୍ତି। ମହାବୀର ଜୈନଙ୍କ ଶାନ୍ତିର ବାର୍ତ୍ତା ଏ ଜାତିକୁ ନିଜର ପରାକାଷ୍ଠା ଦେଖାଇବାର ସୁଯୋଗ ଦେଇଛି। କବୀରଙ୍କ ଦୋହା ଓ ଗୁରୁ ନାନକଙ୍କ ମାର୍ଗ ଭାରତବାସୀଙ୍କ ମଥାକୁ ଉଚ୍ଚା କରିରଖିଛି ବିଶ୍ୱ ଦରବାରରେ। ଭଗବାନ ଶ୍ରୀକୃଷ୍ଣ ଶାନ୍ତି ପାଇଁ କେଉଁଠି ନେହୁରା ହୋଇଛନ୍ତି ତ କେଉଁଠି ଗୁରୁଙ୍କ ପଦାଘାତକୁ ନିଜ ଛାତିରେ ସହି ନେଇଛନ୍ତି। କୌରବ ଓ ପାଣ୍ଡବଙ୍କ ମଧ୍ୟରେ ସନ୍ଧି କରି ସମଗ୍ର ଭୂଖଣ୍ଡରେ ଶାନ୍ତି ବଜାୟ ରଖିବା ଲାଗି ନିଜେ କୃଷ୍ଣ ଭଗବାନ ଉଦ୍ଧତ, ଗର୍ବୀ, ଅହଙ୍କାରୀ ଦୁର୍ଯ୍ୟୋଧନଙ୍କୁ ନିଜେ ଭେଟି ପାଣ୍ଡବଙ୍କ ପାଇଁ ପାଞ୍ଚୋଟି ଗାଁ ମାତ୍ର ମାଗି ଅପମାନିତ ହୋଇଥିଲେ ମଧ୍ୟ, ପ୍ରଥମେ ଶାନ୍ତିକୁ ହିଁ ଅସ୍ତ୍ର କରିଥିଲେ। ପରେ ସେହି ଶାନ୍ତି ବଜାୟ ରଖିବା ପାଇଁ ଯୁଦ୍ଧର ଶଙ୍ଖନାଦ ବଜାଇ ଅନ୍ୟାୟ ଓ ଅଧର୍ମକୁ ବିଲୋପ କରିଥିଲେ। ଆମ ଆଦର୍ଶ, ଆମ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ଆମ ଦେଶ କେବେ କାହାକୁ ଆକ୍ରମଣ କରିନାହିଁ ବା ଲୁଣ୍ଠନ କରିନାହିଁ। ମୋଗଲ ଠାରୁ ଆରମ୍ଭ କରି ବ୍ରିଟିଶ ପର୍ଯ୍ୟନ୍ତ ସମସ୍ତେ ଆମକୁ ଆକ୍ରମଣ କରିଛନ୍ତି, ଆମକୁ ଲୁଣ୍ଠନ କରିଛନ୍ତି, ଆମ ସଂସ୍କୃତି ଓ ପରମ୍ପରାକୁ ଭାଙ୍ଗିବା ପାଇଁ ଚେଷ୍ଟା କରିଛନ୍ତି, ଆମ ଭିତରେ ବିଭେଦ ସୃଷ୍ଟି କରିଛନ୍ତି, ଆମ କଳା ଓ ଭାସ୍କର୍ଯ୍ୟକୁ ଭାଙ୍ଗିଛନ୍ତି ଓ ଆମକୁ ଖଣ୍ଡବିଖଣ୍ଡିତ କରିବା ପାଇଁ ଚେଷ୍ଟା କରି କିଛି ମାତ୍ରାରେ ସଫଳ ହୋଇଛନ୍ତି ମଧ୍ୟ। ହେଲେ ବିଶ୍ୱଶାନ୍ତିରେ ବିଶ୍ୱାସ ରଖୁଥିବା ଭାରତବାସୀ କେବେ ହେଁ ଏଭଳି ଅପଚେଷ୍ଟା କରିନାହାଁନ୍ତି। ଜାତିସଂଘର ଶାନ୍ତି ସେନାରେ ସର୍ବଦା ଆମର ଅଧିକ ସୈନ୍ୟ ସେବା ଯୋଗାଇ ଦିଅନ୍ତି। ସର୍ବେ ଭବନ୍ତୁ ସୁଖିନଃ ନୀତିରେ ଏବେ ବି ଭାରତ ବିଶ୍ୱାସ କରେ। ଆମେ ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ, କିନ୍ତୁ କିଏ ଯଦି ଆମ ଉପରେ ଯୁଦ୍ଧକୁ ଲଦିଦିଏ, ତେବେ ତାହାର ମୁହଁତୋଡ଼ ଜବାବ ଭାରତବାସୀ ଦେଇଜାଣନ୍ତି। ଜୟ ଯବାନ ଓ ଜୟ କିଷାନ ନାରା ହେଉଛି ଭାରତର ଆଦର୍ଶ। ଜାତିସଂଘର ଶାନ୍ତି ସେନାର ସର୍ବଦା ଆମର ଅଧିକ ସୈନ୍ୟ ସେବା ଯୋଗାଇ ଦିଆନ୍ତି। ଆଧ୍ୟାତ୍ମିକ ଗୁରୁ ଶ୍ରୀଚୈତନ୍ୟ ଦେବ ଓଡ଼ିଶାବାସୀ ବିଶେଷକରି ପାଇକପୁଅମାନଙ୍କୁ ଅସ୍ତ୍ର ଛାଡ଼ି ଖୋଳ, କରତାଳ ଦେଇ ନପୁଂସକ କରିଦେଇଥିଲେ ବୋଲି ଅଭିଯୋଗ ହୋଇଥିଲେ ମଧ୍ୟ ସେହି ପାଇକପୁଅମାନେ ଖୋର୍ଦ୍ଧାଗଡ଼କୁ ଶେଷ ପର୍ଯ୍ୟନ୍ତ ବ୍ରିଟିଶ କବଳରୁ ମୁକ୍ତ ରଖିଥିଲେ। ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକପୁଅ ନିଜର ପରାକ୍ରମ ଦେଖାଇଥିଲା ବ୍ରିଟିଶ ଆଗରେ। ରାଜପରିବାରର ରାଜକୁମାର ବୁଦ୍ଧଦେବ ନିଜ କ୍ଷମତା ଓ ଭୋଗ ବିଳାସ ଛାଡ଼ି ଶାନ୍ତି ଓ ଅହିଂସା ମାର୍ଗରେ ନିଜକୁ ସାମିଲ୍ କରି ପୃଥିବୀର ଅଧିକାଂଶ ଭୂଖଣ୍ଡକୁ ନିଜ ମାର୍ଗରେ ଦୀକ୍ଷିତ କରାଇଥିଲେ। ଆଜି ବି ଶକ୍ତିଶାଳୀ ଚାଇନା ଠାରୁ ଆରମ୍ଭ କରି ଜାପାନ, ଭୂଟାନ, ଶ୍ରୀଲଙ୍କା, କଲମ୍ବିଆ, କାମ୍ବୁଚିଆ ପରି ବହୁ ମଙ୍ଗୋଲିୟ ରାଷ୍ଟ୍ର ଏହି ବୁଦ୍ଧଙ୍କ ଆଦର୍ଶରେ ଅନୁପ୍ରାଣିତ। ମୋଗଲ ଶାସନରେ ଭାରତକୁ କ୍ଷତବିକ୍ଷତ କରିବା ସହ ଭାରତର ସଂସ୍କୃତି ଓ ଐତିହ୍ୟ ଉପରେ ଆକ୍ରମଣ କରି ସମଗ୍ର ଭାରତକୁ ଲୋପ କରିବା ପାଇଁ ଚେଷ୍ଟା କରାଯାଇଥିଲା ହେଲେ ପୃଥ୍ୱୀରାଜ ଚୌହାନଙ୍କ ଠାରୁ ଆରମ୍ଭ କରି ରାଣୀ ଲକ୍ଷ୍ମୀବାୟୀ ପର୍ଯ୍ୟନ୍ତ ସମସ୍ତେ ମୋଗଲଙ୍କୁ କଡ଼ା ଜବାବ ଦେଇଥିଲେ। ସେହିପରି ବାଜି ରାଉତଠାରୁ ଆରମ୍ଭ କରି ନେତାଜୀ ସୁଭାଷ ବୋଷ, ଆଜାଦ୍, ଭଗତ ସିଂ, ଜୟୀ ରାଜଗୁରୁ ପ୍ରମୁଖ ବ୍ରିଟିଶଙ୍କୁ ଦେଶରୁ ହଟାଇବା ପାଇଁ ବାଧ୍ୟ କରିଥିଲେ। ଯଦିଓ ମହାତ୍ମା ଗାନ୍ଧୀ ଅହିଂସାର ଡ଼ାକ ଦେଇ ବ୍ରିଟିଶ ସାମ୍ରାଜ୍ୟକୁ ଥରହର କରିଦେଇଥିଲେ ତଥାପି ବ୍ରିଟିଶ ବିରୁଦ୍ଧରେ ଅସ୍ତ୍ର ଉଠାଇବା ବାଧ୍ୟ କରିଥିଲା ବ୍ରିଟିଶମାନଙ୍କୁ ଭାରତରୁ ବିଦାୟ ନେବା ପାଇଁ। ଭାରତକୁ ଦୁର୍ବଳ କରିବା ପାଇଁ ଉପନିବେଶବାଦୀ ବ୍ରିଟିଶ ଧର୍ମ ଭିତ୍ତିରେ ଭାରତକୁ ଅଲଗା କରି ପାକିସ୍ତାନକୁ ଜନ୍ମ ଦେଇଥିଲେ। ହେଲେ ଗୁଣ୍ଡାଗର୍ଦ୍ଦି, ବଦମାସୀ, ଷଡ଼ଯନ୍ତ୍ର ଓ ହିଂସାରେ ବିଶ୍ୱାସ କରୁଥିବା ପାକିସ୍ତାନ ଭାରତକୁ ତଳିତଳାନ୍ତ କରିବା ପାଇଁ ଯୁଦ୍ଧ କରି ବାରମ୍ବାର ହାର ହାରିଥିଲେ ମଧ୍ୟ ମୁମ୍ବାଇ, କାରଗିଲ୍ ଓ ପୁଲ୍‌ୱମା ଭଳି ଘଟଣା ଘଟାଇବା ସହ କାଶ୍ମୀରକୁ ଅଶାନ୍ତ କରି ରଖିଛି। ଶାନ୍ତିରେ ବିଶ୍ୱାସ କରୁଥିବା ଭାରତ ପାକିସ୍ତାନକୁ ଶହେ ଦୋଷରୁ ମୁକ୍ତ କରି ଶହେ ଏକରେ ସର୍ଜିକାଲ ଷ୍ଟ୍ରାଇକ୍ ଓ ଏୟାର ଷ୍ଟ୍ରାଇକ୍ ପରି କେବଳ ସନ୍ତ୍ରାସବାଦୀ ଓ ସନ୍ତ୍ରାସବାଦୀ ସଂଗଠନକୁ ଧ୍ୱସ୍ତ କରିଛି। ଶାନ୍ତି ଆମ ବଳ, କିନ୍ତୁ ସେଇ ଶାନ୍ତି ପାଇଁ ଆମେ ଯୁଦ୍ଧ କରିପାରୁ ତଥା ନିଜ ଜୀବନ ଦେଇପାରୁ ଓ ନେଇପାରୁ। ମହାଭାରତ ଯୁଦ୍ଧରେ ଭଗବାନ କୃଷ୍ଣ ଶାନ୍ତି ପାଇଁ ଯୁଦ୍ଧ ଆରମ୍ଭ କରି ଅଶାନ୍ତିକୁ ସବୁଦିନ ପାଇଁ ଟାଳି ଦେଇଥିଲେ। ନ୍ୟାୟ ପଟେ ପାଣ୍ଡବ ଓ ଅନ୍ୟାୟ ପଟେ କୌରବ ରହି ଯୁଦ୍ଧ କରିଥିବା ବେଳେ ସମଗ୍ର ଭୂଖଣ୍ଡ ବାଣ୍ଟି ହୋଇଯାଇଥିଲା ନ୍ୟାୟ ଓ ଅନ୍ୟାୟ ପଟେ। ପାକିସ୍ତାନରେ ଭାରତର ସର୍ଜିକାଲ ଷ୍ଟ୍ରାଇକ ଓ ଏୟାର ଷ୍ଟ୍ରାଇକ୍ ପରେ ପୃଥିବୀର ପ୍ରାୟ ରାଷ୍ଟ୍ର ଚୁପ୍ ରହିଥିବା ବେଳେ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଆମକୁ ସମର୍ଥନ କରିଛନ୍ତି। ଶେଷରେ ଜୟଯୁକ୍ତ ହୋଇଛି ନ୍ୟାୟ। ଆଜି ସେହି ନ୍ୟାୟରେ ଭାରତର ଶାସକ, ସେନା, ଗଣମାଧ୍ୟମ ଓ ଦେଶବାସୀ ନ୍ୟାୟ ପଟେ ଛିଡ଼ା ହୋଇ ଜବାବ ଦେଇଛନ୍ତି ପାକିସ୍ତାନକୁ। ଧ୍ୱସ୍ତ ହୋଇଛି ସନ୍ତ୍ରସବାଦୀ ଶିବିର ଓ ପାକିସ୍ତାନର ଗର୍ବ ଓ ଅହମିକା। ଅନ୍ୟାୟର ଅବରୋଧ କର, ସ୍ୱୟଂ କୃଷ୍ଣ ଦେଇଛନ୍ତି ବାର୍ତ୍ତା- ରଣକ୍ଷେତ୍ରେ ପଛଘୁଞ୍ଚା ନାହିଁ, ଯୁଦ୍ଧ କର କହିଅଛି ଗୀତା।

**ପ୍ରକାଶ ରଥ, ଅଧ୍ୟକ୍ଷ, ରାଜ୍ୟ ନାଗରିକ ସମାଜ, ଫୋନ-୯୪୩୭୨୮୫୦୯୨, Email: prakashrath70@gmail.com**

# ସ୍ୱାସ୍ଥ୍ୟ ଓ ସମାଜକଲ୍ୟାଣ କାର୍ଯ୍ୟରେ ସ୍ୱେଚ୍ଛାସେବୀମାନଙ୍କ ପ୍ରମୁଖ ଭୂମିକା ରହିଛି

ଭୁବନେଶ୍ୱର (ପିଏନ୍): ଦୀର୍ଘ ୨୭ବର୍ଷ ହେବ ଦକ୍ଷିଣପୂର୍ବ ଏସିଆ ଏବଂ ଭାରତର ୨୨ଟି ରାଜ୍ୟ ତଥା ପଡ଼ୋଶୀନେପାଳ ଓ ବାଂଲାଦେଶରେ କାର୍ଯ୍ୟ କରି ଆସୁଥିବା ମାତୃ ଓ ଶିଶୁ ବିକାଶକୈନ୍ଦ୍ରିକ ସ୍ୱେଚ୍ଛାସେବୀ ସଂସ୍ଥା 'ମମତା' ୨୦୧୬ ମସିହାରୁ ଓଡ଼ିଶାରେ କାମ କରି ଆସୁଅଛି। ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ବିଷୟକୁ ନେଇ ପ୍ରୋଜେକ୍ଟ ଜାଗୃତି ନିଷ୍ପେଷିତ ଲୋକଙ୍କ ପାଖରେ ପହଂଚିଛି। ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳା ତଥା କିଶୋରୀମାନଙ୍କୁ ଶିକ୍ଷିତ କରାଇବା ସହ କର୍ମନିଯୁକ୍ତି ପ୍ରଦାନ ତଥା ସଶକ୍ତିକରଣ କରାଯାଇ ଆସୁଛି। ଏହି ପ୍ରୋଜେକ୍ଟ ସରକାରୀ ସ୍ୱାସ୍ଥ୍ୟ ସେବା ତଥା ଯୋଜନାର ପହଂଚ କରାଇବା ତଥା ତାହାର ଉନ୍ନତି ଦିଗରେ ସହାୟକ ହୋଇପାରୁଛି। କ୍ଷେତ୍ର କର୍ମଚାରୀ, ପୀୟର ତାଲିମଦାତା ଇତ୍ୟାଦିଙ୍କ ଯୁଗ୍ମ ସହଯୋଗରେ ଅନେକ ଉନ୍ନତିମୂଳକ କାର୍ଯ୍ୟକ୍ରମ କରାଯାଇ ପାରିଛି। ମହିଳା ଓ କିଶୋରୀମାନଙ୍କ ସ୍ୱରକୁ କୋଣ ଅନୁକୋଣରେ ପହଂଚାଇବା ସକାଶେ ସଂଗଠନ ସଫଳତାର ସହ ପ୍ରୋଜେକ୍ଟ ଜାଗୃତି ୩ବର୍ଷ ସଫଳତାର ସହ ପାଳନ କରିଥିବାରୁ ଜାଗୃତି ମହୋତ୍ସବର ନାମକରଣ କରାଯାଇଛି। ହୋଟେଲ ସୂର୍ଯ୍ୟାଂଶଠାରେ ପ୍ରୋଜେକ୍ଟ ଜାଗୃତିର ଉପସ୍ଥାପନା ଶୀର୍ଷକ କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମମତାର ରାଜ୍ୟ ଟିମ୍ ଲିଡ଼ର ଡଃ ସୁରେନ୍ଦ୍ର ଜେନା ସ୍ୱାଗତ ସମ୍ଭାଷଣ ସହ ଓଡ଼ିଶାରେ ମମତାର ୩ବର୍ଷର କାର୍ଯ୍ୟକାରିତା ଓ ଏହାର ସଫଳତମ ଦିଗ ଉପରେ ଆଲୋକପାତ ଏବଂ ଆଶା, ଅଙ୍ଗନୱାଡ଼ି କର୍ମୀ, ପୀୟର ଲିଡ଼ର ଏବଂ ଗାଁ କଲ୍ୟାଣ ସମିତିର ନେତୃବୃନ୍ଦ ସେମାନଙ୍କର ଅନୁଭୂତି ଏବଂ ଅଙ୍ଗେ ନିଭାଇଥିବା କାହାଣୀକୁ ଉପସ୍ଥାପନା କରିଥିଲେ। ମୁଖ୍ୟଅତିଥି ଭାବେ ସିୱାଇଏସ୍‌ଡ଼ିର ପ୍ରତିଷ୍ଠାତା ଜଗଦାନନ୍ଦ ଯୋଗଦେଇ ମମତାର ବିଭିନ୍ନ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହ ଟୀକାକରଣର ରାଜନୀତି ଓ ଅର୍ଥନୀତି ଏବଂ ପୁଷ୍ଟିହୀନତାକୁ ବିଲୋପ କରିବାରେ ସାମୂହିକ ପ୍ରଚେଷ୍ଟାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେହିପରି କିଶୋରୀମାନଙ୍କ ବିକାଶ ତଥା ସେମାନଙ୍କ ସମସ୍ୟାର ମୂଳକୁ ଜାଣି ତାହାର ସମାଧାନ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡଃ ସମୀର କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ ପ୍ରତ୍ୟେକ ନାଗରିକର ସ୍ୱାସ୍ଥ୍ୟ ଅଧିକାର ପାଇବାର ରହିଛି ଏବଂ ଅଧିକାଂଶ ସମସ୍ୟା ଆଜିକାଲି ତୃଣମୂଳ ସ୍ତରରେ ହୋଇପାରିବ। ପ୍ରୋଜେକ୍ଟ କନର୍ସନ ଇଂଟରନ୍ୟାସନାଲର ପ୍ରକଳ୍ପ ନିର୍ଦ୍ଦେଶକ ବିରାଜଲକ୍ଷ୍ମୀ ଷଡ଼ଙ୍ଗୀ ପୌଷ୍ଟିକତାକୁ ପ୍ରାଥମିକତା ଦେବା ଏବଂ ଉକ୍ତ ବିଷୟକୁ ଗମ୍ଭୀରତାର ସହ ଗ୍ରହଣ କରାଯିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟର ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ ମହିଳାମାନଙ୍କ ବିଶେଷ କରି କିଶୋରୀ ବାଳିକା ଏବଂ ଗର୍ଭବତୀ ତଥା ପ୍ରସୂତୀ ମହିଳାଙ୍କ ଉନ୍ନତି ବିଧାନକ୍ଷେତ୍ରରେ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମର ସୁପରିଚାଳନା ସକାଶେ ମମତାର ଜାତୀୟ ବରିଷ୍ଠ ପରାମର୍ଶଦାତା ଡଃ ଏଲ୍.ଏସ୍. ଚୌହାନ, ନେସଲେ ଇଣ୍ଡିଆର କର୍ପୋରେଟ ଆଫେୟାର୍ସ ଅଧିକାରୀ ଅଙ୍କିତା ଶର୍ମା, ମମତାର ଜାତୀୟ କେନ୍ଦ୍ରର ଉପ ନିର୍ଦ୍ଦେଶକ ଫୈୟାଜ୍ ଅଖତାର୍ ପ୍ରମୁଖ ଓଡ଼ିଶାରେ ମମତା ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ କରିବା ସହ ସମସ୍ତ ବିଭାଗୀୟ ଅନୁଷ୍ଠାନ ଯେପରିକି ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ ମଙ୍ଗଳ, ଆଇସିଡିଏସ୍, ପଂଚାୟତିରାଜ ଇତ୍ୟାଦି ବିଭାଗକୁ ନେଇ ଆଗକୁ କାମ କରିବାର ପ୍ରେରଣାଦାୟୀ ହୋଇପାରିଛି ବୋଲି ବ୍ୟକ୍ତ କରିଥିଲେ। ବଲାଙ୍ଗିର ଓ ନୂଆପଡ଼ାରୁ ଆସିଥିବା ସିଡ଼ିପିଓ ସୌଦାମିନୀ ପ୍ରଧାନ, ପୀୟର ଲିଡ଼ର ତିମୋଣି ମାଝି, ଆଶା କର୍ମୀ ପୁଷ୍ପାଳି ବେହେରା, ଜାମା ବେହେରା, ନେହେରୁ ମହାନନ୍ଦିଆ ପ୍ରମୁଖ ସେମାନଙ୍କ ଅଂଚଳରେ ଜାଗୃତିର ସଫଳତାର କାହାଣୀ ବଖାଣିଥିଲେ। ଯୋଗାଯୋଗ ଅଧିକାରୀ ସ୍ୱପ୍ନଜିତ୍ ଘୋଷ୍ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଓଳାଶୁଣୀ'ର ସ୍ୱତନ୍ତ୍ର ସଂକଳନ ଉନ୍ମୋଚିତ



କଟକ (ପିଏନ୍): ବର୍ତ୍ତମାନର ସୃଜନଶୀଳ ସ୍ରଷ୍ଟାମାନଙ୍କ ଲେଖନୀରେ ସ୍ଥାନ ପାଉ ସମୟୋପଯୋଗୀ ଲେଖା। ଯାହାକି ଯୁବପୀଢ଼ିଙ୍କୁ ମଧ୍ୟ ଆକୃଷ୍ଟ କରିବା ସହିତ ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବ ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ। ଗତ ଗୁରୁବାର ପୂର୍ବାହ୍ନରେ କଟକ ଚହଟାଘାଟସ୍ଥିତ ଶ୍ରୀରାମ ନିଗମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଆଧ୍ୟାତ୍ମିକ ପରିବେଶରେ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ, ପଲାଇ ପକ୍ଷରୁ ଆୟୋଜିତ ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ପ୍ରଶାସକ ଶ୍ରୀ ସାମଲ କହିଥିଲେ ଯେ, ସାଂପ୍ରତିକ ସମୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଏବେ ବିପଦ ଦେଖାଦେଇଛି। ବିଶେଷକରି ତରୁଣପୀଢ଼ି ଏଥିପ୍ରତି ଅନାଗ୍ରହ ପ୍ରକାଶ କରୁଥିବାରୁ ଓଡ଼ିଆ ଭାଷାଭାଷୀ ପତ୍ରପତ୍ରିକାଗୁଡ଼ିକର ସଂଖ୍ୟା ଓ ପାଠକ ସଂଖ୍ୟା ମଧ୍ୟ କମୁଛି। ଯାହା ସମାଜ ଓ ବ୍ୟକ୍ତି ପାଇଁ ଶିକ୍ଷଣୀୟ- ସେଭଳି ସୃଜନଶୀଳ ଲେଖା ପ୍ରକାଶ ପାଇବା ସହିତ ସ୍ରଷ୍ଟାମାନଙ୍କୁ ମଧ୍ୟ ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରାଯିବା ଉଚିତ। ନିଜ ମାତୃଭାଷା ପ୍ରତି ସମ୍ମାନ ଓ ଆବେଗ ରହିଲେ ଆମ ସାହିତ୍ୟ କାଳଜୟୀ ହେବ।

ଏହି ଅବସରରେ ଫାଉଣ୍ଡେସନ ପକ୍ଷରୁ ପ୍ରକାଶିତ ସୃଜନଶୀଳ ପତ୍ରିକା 'ଓଳାଶୁଣୀ'ର ଏକ ସ୍ୱତନ୍ତ୍ର ସଂକଳନକୁ ଉନ୍ମୋଚନ କରି ଏହି ପୀଠର ବିକାଶ ପାଇଁ ଉପଯୁକ୍ତ କାର୍ଯ୍ୟାନ୍ୱୟନ ଗ୍ରହଣ ଉପରେ କମିଶନର ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ତଥା ପଲାଇ ଶ୍ରୀ ସତ୍ୟସାଇ ସେବା ସମିତିର ପୂର୍ବତନ ଆବାହକ ସୁରେନ୍ଦ୍ର ନାଥ ଭୂୟାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପୂଜ୍ୟ ସନ୍ଥ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଆଶୀର୍ବଚନ ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଆଧ୍ୟାତ୍ମିକ ସାଧକ ଇଂ. ସଚ୍ଚିଦାନନ୍ଦ ନନ୍ଦ, କଟକ ବଡ଼ ଡାକ୍ତରଖାନା ହେପାଟୋଲୋଜି ବିଭାଗର ମୁଖ୍ୟ ତଥା ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନର ଅଧ୍ୟକ୍ଷ ତଥା 'ଓଳାଶୁଣୀ'ର ସଂପାଦକ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏ ଅବସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ରଘୁନାଥ ମହାପାତ୍ରଙ୍କୁ ଫାଉଣ୍ଡେସନ ପକ୍ଷରୁ 'ଓଳାଶୁଣୀ ସରସ୍ୱତୀ ସମ୍ମାନ-୨୦୧୯' ସମ୍ମାନରେ ସମ୍ମାନିତ କରାଯାଇଥିଲା।

କବି ରୀନାରାଣୀ ମହାନ୍ତି ମାନପତ୍ର ପାଠ କରିଥିଲେ। ଉତ୍ସବରେ ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ ଗଙ୍ଗାଧର ରାଉତରାୟ, ଓଳାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସର ଉପାଧ୍ୟକ୍ଷ ରବୀନ୍ଦ୍ରନାଥ ସାମଲ, କଥାଶିଳ୍ପୀ ଚିତ୍ତରଂଜନ ଚିରଂଜିତ୍, ଗାଳ୍ପିକ ରବିନାରାୟଣ ଦାଶ, ଯୁବକବି ମନୋଜ ମହେର, କବି ମହୀଜା ଦଳବେହେରା, ଅଭିପ୍ସା ଦାଶ, ଗାଳ୍ପିକ ଦେବାଶିଷ ସାମନ୍ତରାୟ, କବି ପ୍ରସନ୍ନ କୁମାର ସ୍ୱାଇଁ, 'ମହାମାୟା'ର ସଂପାଦକ ପ୍ରମୋଦ କୁମାର ପ୍ରଧାନ, ମେସେଞ୍ଜରସ୍‌ର ମୁଖ୍ୟ ଦେବୀପ୍ରସାଦ ଦାଶ, ଯୁବଉଦ୍‌ଘୋଷକ ଉଲ୍ଲାସ ଚନ୍ଦ୍ର ବେହୁରା, ନାଟ୍ୟକାର ଅଭୟ ଦାସ, ଦିଲ୍ଲୀପ କୁମାର ମହାରଣା, ନାରାୟଣ ଚନ୍ଦ୍ର ବିଶ୍ୱାଳ, ଶ୍ୟାମସୁନ୍ଦର ସାମଲ, ଦେବଦତ୍ତ ବିଶ୍ୱାଳ, ସାହିତ୍ୟ ସଂଗଠକ ବ୍ରହ୍ମାନନ୍ଦ ବିଶ୍ୱାଳ, ସମିତି ସଭ୍ୟ ସୁବାସ ଚନ୍ଦ୍ର ନାୟକ, ଶ୍ରୀକାନ୍ତ କୁମାର ସାମଲ, ସାମ୍ବାଦିକ ସୁମନ୍ତ କୁମାର ଭୂୟାଁ, ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ, ଦେବଦତ୍ତ ସାମଲ, ସୁବ୍ରତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଇଂ ସୁଜିତ୍ ସାଇଦୀପ୍ ବିଶ୍ୱାଳ, ଇଂ ସମ୍ବିତ ସାଇନାରାୟଣ ଭୂୟାଁ ଓ ହୈମବତୀ ନନ୍ଦନ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଓଳାଶୁଣୀ ଉନ୍ନୟନ ନ୍ୟାସର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ।

# ଅସୁରେଶ୍ୱର ଗୋରକ୍ଷଣୀର ପ୍ଲାଟିନମ୍ ଜୁବୁଲୀ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଚଳିତ ଡିସେମ୍ବର ମାସ ୧୪ ଓ ୧୫ ତାରିଖରେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱରସ୍ଥିତ 'ଗୋରକ୍ଷଣୀ'ର ପ୍ଲାଟିନମ୍ ଜୁବୁଲୀ (୭୫ ବର୍ଷ ପୂର୍ତ୍ତି) ଅନୁଷ୍ଠିତ ହେବ। ଏହି ଉତ୍ସବକୁ ଡିସେମ୍ବର ୧୪ ତାରିଖ ଅପରାହ୍ଣ ୪ଟାରେ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ ଉଦ୍‌ଘାଟନ କରିଥିବା ବେଳେ ଓଡିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୧୫ ତାରିଖରେ ଉଦ୍‌ଯାପନୀ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଆୟୋଜିତ ଏହି ଦୁଇଦିନିଆ ଉତ୍ସବରେ ଡିସେମ୍ବର ୧୪ ତାରିଖ ସକାଳ ୮.୩୦ରେ 'ଗୋପୂଜନ' ଏବଂ ପୂର୍ବାହ୍ନରେ 'ମୁଷ୍ଟିଦାତ୍ରୀ ଓ ଗୋସେବକ ସମ୍ମିଳନୀ' ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଏବଂ ସମ୍ମାନନୀୟ ଅତିଥି ଭାବେ କଟକ ସଦର ବିଧାୟକ ଶ୍ରୀ ଚନ୍ଦ୍ରସାରଥୀ ବେହେରା, ସାଲେପୁର ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ବେହେରା, ଗାନ୍ଧୀ ବିଚାର ମଂଚର ସଭାପତି ପ୍ରହ୍ଲାଦ ସିଂହ, ସ୍ତମ୍ଭକାର ଅଧ୍ୟାପକ ଅଭିରାମ ବିଶ୍ୱାଳ ଏବଂ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧ୍ୟକ୍ଷା ସବିତା ଓଝା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୪ ତାରିଖ ଅପରାହ୍ଣରେ ଉଦ୍‌ଘାଟନୀ ଉତ୍ସବରେ ଶ୍ରୀ ଗଜପତି ମହାରାଜାଙ୍କ ସହିତ ମୁଖ୍ୟବକ୍ତା ଭାବେ କ୍ରିୟାଯୋଗାଶ୍ରମ, ପୁରୀରୁ ପରମହଂସ ପ୍ରଜ୍ଞାନନ୍ଦ ଗିରି ଏବଂ ସମ୍ମାନନୀୟ ଅତିଥିଭାବେ ପଂଚାୟତିରାଜ ଓ ପାନୀୟଜଳ ଯୋଗାଣ, ଆଇନ୍, ନଗର ଉନ୍ନୟନ ଓ ଗୃହନିର୍ମାଣ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ଯୋଗଦେଇଥିବା ଜଣାପଡ଼ିଛି। ସେହିପରି ୧୫ ତାରିଖ ସକାଳ ୧୦ଟାରେ ଗୋସେବା ଓ ଚିକିତ୍ସା ଶିବିର, ଅପରାହ୍ଣ ୨ଟାରେ 'ଗୋବତ୍ସ ପ୍ରଦର୍ଶନୀ' ଅନୁଷ୍ଠିତ ହେବ। ଏହି ଦିନ ଅପରାହ୍ଣ ୪ଟାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାନ୍ୟବର ରାଜ୍ୟପାଳ, ସମ୍ମାନନୀୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା, ସାଂସଦ ଡଃ. ଅଚ୍ୟୁତ ସାମନ୍ତ ଏବଂ ସାଂସଦ ଶ୍ରୀ ଅନୁଭବ ମହାନ୍ତି ପ୍ରମୁଖ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ଆୟୋଜିତ ପ୍ରତ୍ୟେକ ସଂଧ୍ୟାରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଜନସାଧାରଣଙ୍କୁ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଅସୁରେଶ୍ୱର ଗୋ-ମଙ୍ଗଳ ସମିତି ପ୍ଲାଟିନମ ଜୁବୁଲୀ ସମାରୋହ କମିଟିର ସଭାପତି ତଥା ବିଧାୟକ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଅନୁରୋଧ କରିଛନ୍ତି।

# ମାନବିକ ଅଧିକାର ଦିବସ ପାଳିତ



ବାରିପଦା (ପିଏନ୍)- ସ୍ଥାନୀୟ ମହାରାଜପୁରସ୍ଥିତ ମୟୁରଭଂଜ କଲେଜ ଅଫ୍ ଆକାଉନଟେନସି ଏଣ୍ଡ ମ୍ୟାନେଜମେଂଟର ସମ୍ମିଳନୀ କକ୍ଷରେ ଜାତୀୟ ସେବା ଯୋଜନା ଓ ରାଜନୀତି ବିଜ୍ଞାନ ବିଭାଗ ମିଳିତ ଉଦ୍ୟମରେ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି ସଭାରେ କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାନବର ଅଧିକାର ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବରେ ରାଜନୀତି ବିଜ୍ଞାନର ଅଧ୍ୟାପକ ଯୋଗେଶ୍ୱର ବେହେରା ମାନବିକ ଅଧିକାରର ଇତିହାସ ସମେତ ମିଳିତ ଜାତିସଂଘ ଦ୍ୱାରା ସାର୍ବଜନୀନ ମାନବିକ ଅଧିକାରର ଘୋଷଣାନାମାର ବିଭିନ୍ନ ଧାରା ଏବଂ ଏଗୁଡିକର ସୁରକ୍ଷା ଓ ସଚେତନତା ପାଇଁ ସମସ୍ତ ପିଲାମାନଙ୍କୁ ଉଦ୍‌ବୁଦ୍ଧ କରାଇଥିଲେ। ଏହି ସଭାରେ ସମ୍ମାନିତ ଅତିଥିଭାବେ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ମୀରା ସେନାପତି ଦୈନନ୍ଦିନ ଜୀବନରେ କିଭଳି ମାନବିକ ଅଧିକାରଗୁଡ଼ିକ ସଂପୂର୍ଣ୍ଣ ଭାବେ ଉପଭୋଗ କରିହେବ ତାହା ଉପରେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ଏହି ସଭାରେ ଉପସ୍ଥିତ ଅନ୍ୟ ସମ୍ମାନିତ ଅତିଥି ଅଧ୍ୟାପିକା ଅଭିପ୍ସା ନାୟକ, ଅଙ୍କିତା ସାହୁ, ତୃପ୍ତି ଦାସ, ସବିତାରାଣୀ ଦାସ, ଇତିବାଳା ମହାପାତ୍ର, ସାଗରୀକା ପଣ୍ଡା ଏବଂ ଅଧ୍ୟାପକ ଗଣେଶ ଚନ୍ଦ୍ର ପରିଡା, ରାମଚନ୍ଦ୍ର ଜେନା, ଶିବ ପ୍ରସାଦ ମଲ୍ଲିକ, ମଦନମୋହନ ସାହୁ, ସ୍ମୃତିରଂଜନ ନାଏକ, ଦିନେଶ କୁମାର ସାହୁ ଆଦି ମାନବିକ ଅଧିକାର ଦିବସ ସମ୍ପର୍କରେ ସମ୍ୟକ୍ ବିବରଣୀ ପ୍ରଦାନ କରିଥିଲେ। ପରିଶେଷରେ କଲେଜର ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଶିବରାତ୍ରିରେ ଜପ କରନ୍ତୁ ମହା ମୃତ୍ୟୁଞ୍ଜୟ ମନ୍ତ୍ର !





ମୃତ୍ୟୁର ଭୟ ଉପରେ ବିଜୟ ଲାଭ ନିମନ୍ତେ ଯେଉଁ ମନ୍ତ୍ର ପାଠ କରାଯାଏ ତାହାକୁ କୁହାଯାଏ ମହାମୃତ୍ୟୁଞ୍ଜୟ ମନ୍ତ୍ର। ହିନ୍ଦୁ ଶାସ୍ତ୍ରରେ ଯେଉଁ ତ୍ରିମୂର୍ତ୍ତିଙ୍କୁ ପରଂବ୍ରହ୍ମଙ୍କର ତିନିଗୁଣ ଭାବେ ପୂଜା କରାଯାଏ ସେମାନେ ହେଲେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର। ବ୍ରହ୍ମା ସତ୍ ଗୁଣର ପ୍ରତୀକ ହୋଇଥିବାବେଳେ ବିଷ୍ଣୁଙ୍କୁ ରଜ ଏବଂ ଶିବଙ୍କୁ ତମ ଗୁଣର ପ୍ରତୀକ ଭାବେ ଆରାଧନା କରାଯାଏ। ବ୍ରହ୍ମା ହେଉଛନ୍ତି ସୃଷ୍ଟି କର୍ତ୍ତା, ବିଷ୍ଣୁ ହେଉଛନ୍ତି ପାଳନକର୍ତ୍ତା ଏବଂ ଶିବ ହେଉଛନ୍ତି ସଂହାର କର୍ତ୍ତା। ଶାସ୍ତ୍ରକହେ ଯେ ଗୁଣର ମୃତ୍ୟୁ ନାହିଁ, ଶରୀରର ମୃତ୍ୟୁ ଭୟ ରହିଛି। ଗୁଣକୁ ବିଚାର କରି ଆତ୍ମାର ମୁକ୍ତି କିମ୍ବା ପୁର୍ନଜନ୍ମ ହୋଇଥାଏ। ଆତ୍ମା ଶରୀର ମାଧ୍ୟମରେ ପୁର୍ନଜନ୍ମ ନିଏ। ଆତ୍ମାର ଯଦି ମୁକ୍ତି ହୋଇଯାଏ ତେବେ ଆଉ ପୁର୍ନଜନ୍ମ ହୁଏନାହିଁ। ଶିବ ସଂହାରକର୍ତ୍ତା ହୋଇଥିବାରୁ ଜୀବନଚକ୍ରକୁ ନିୟନ୍ତ୍ରଣ କରିବାର ଶକ୍ତି ତାଙ୍କର ଅଛି। ତେଣୁ ତାଙ୍କୁ ଶକ୍ତି ବୋଲି ମଧ୍ୟ କୁହାଯାଏ। ତେଣୁ ଶିବଙ୍କ ଆରାଧନା ସହିତ ଶକ୍ତିର ଆରାଧନା ମଧ୍ୟ କରାଯାଏ। ତାଙ୍କୁ ମଧ୍ୟ ମହାଦେବ, ମହା ମୃତ୍ୟୁଞ୍ଜୟ, ମହାଯୋଗୀ, ପଶୁପତି, ନଟରାଜ, ଭୈରବ ଏବଂ ବିଶ୍ୱନାଥ ଆଦି ବହୁ ନାମରେ ପୂଜା କରାଯାଏ। ଅଳ୍ପକେ ସନ୍ତୁଷ୍ଟ ହେଉଥିବାରୁ ତାଙ୍କୁ ମଧ୍ୟ ଆଶୁତୋଷ କୁହାଯାଏ। ଶିବ ସବୁବେଳେ ଧ୍ୟାନସ୍ଥ। କୈଳାସ ହେଉଛି ତାଙ୍କର ଆବାସ। ତେଣୁ ତାଙ୍କୁ ମଧ୍ୟ କୈଳାସପତି କୁହାଯାଏ। ଶିବ ହଠାତ୍ କୋପ କରନ୍ତି ଏବଂ ଶାନ୍ତ ହେବାକୁ ସମୟ ନିଅନ୍ତି ନାହିଁ। ସେ କେତେବେଳେ ତୁଷ୍ଟ ଏବଂ କେତେବେଳେ ରୁଷ୍ଟ ତାହା ଜାଣିବା ମଧ୍ୟ ସହଜ ନୁହେଁ। ସେ ଏପରି ଧ୍ୟାନସ୍ଥ ଯେ କାମଦେବ ତାଙ୍କ ଧ୍ୟାନ ଭଗ୍ନ କରିବାକୁ ଯାଇ ତାଙ୍କର କୋପାନଳରେ ଭସ୍ମ ହୋଇଯାଇଛନ୍ତି। ଆନନ୍ଦ ଏବଂ କ୍ରୋଧ ଉଭୟରେ ସେ ତାଣ୍ଡବ ନୃତ୍ୟ କରନ୍ତି। ସେ ନୃତ୍ୟ ପ୍ରବୀଣ ହୋଇଥିବାରୁ ତାଙ୍କର ନାମ ହେଉଛି ନଟରାଜ। ବିଷ୍ଣୁଙ୍କୁ ଶାଳଗ୍ରାମ ଭାବେ ପୂଜା କରାଯାଉଥିବା ବେଳେ ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ। ବିଷ୍ଣୁଙ୍କର ଶାଳଗ୍ରାମ ହେବା ପଛରେ ଯେପରି ତୁଳସୀଙ୍କର ଅଭିଶାପ ରହିଛି, ଠିକ୍ ସେହିପରି ଭାବେ ଶିବଙ୍କୁ ଲିଙ୍ଗ ଭାବେ ପୂଜା କରିବା ପଛରେ ମଧ୍ୟ ଦକ୍ଷପତ୍ନୀଙ୍କର ଅଭିଶାପ ରହିଛି। ଦକ୍ଷ ହେଉଛନ୍ତି ସତୀଙ୍କ ପିତା ଏବଂ ଶିବଙ୍କ ଶଶୁର। ଶିବଙ୍କ ଉପରେ କୋପକରି ସେ ଏକ ଯଜ୍ଞର ଆୟୋଜନ କଲେ ଏବଂ ସେହି ଯଜ୍ଞକୁ ଶିବଙ୍କୁ ନିମନ୍ତ୍ରଣ କରିନଥିଲେ। ଏଥିରେ କ୍ଷୁବ୍ଧ ହୋଇ ସତୀ ପିତାଙ୍କ ଯଜ୍ଞସ୍ଥଳକୁ ଆସି ତାଙ୍କ ସ୍ୱାମୀଙ୍କୁ କାହିଁକି ନିମନ୍ତ୍ରଣ କରାଗଲା ନାହିଁ ବୋଲି ପିତାଙ୍କୁ ପ୍ରଶ୍ନ କରିବାରୁ ପିତା ଦକ୍ଷ ଶିବଙ୍କୁ ନିନ୍ଦାକରି ବହୁ ଅପଶବ୍ଦ ପ୍ରୟୋଗ କଲେ। ଏଥିରେ କ୍ଷୁବ୍ଧ ହୋଇ ସତୀ ନିଜ ଶରୀରକୁ କ୍ରୋଧାଗ୍ନି ନିର୍ଗତ କରି ସେଥିରେ ନିଜକୁ ଆହୂତି ଦେଲେ। ସତୀଙ୍କ ମୃତ୍ୟୁ ଖବର ପାଇ ଶିବ ଉଭୟ ଶୋକ ଏବଂ କ୍ରୋଧରେ ପ୍ରଜ୍ୱଳିତ ହୋଇ ଆସି ଯଜ୍ଞସ୍ଥଳରେ ପହଞ୍ଚିବାରୁ ତାଙ୍କର କ୍ରୋଧକୁ ଉପଶମ କରିବା ନିମନ୍ତେ ଦକ୍ଷଙ୍କ ପତ୍ନୀ ତାଙ୍କୁ ପୂଜା କରିବା ନିମନ୍ତେ ଥାଳି ସହିତ ଶିବଙ୍କ ସମ୍ମୁଖରେ ଉଭା ହୋଇଯିବାରୁ ଶିବ ରାଗିଯାଇ ନିଜର ଲିଙ୍ଗ ଦେଖାଇ ତାହାକୁ ପୂଜା କରିବା ପାଇଁ କହିଲେ। ଏଥିରେ ଦକ୍ଷପତ୍ନୀ ଅପମାନିତ ଏବଂ ଲଜ୍ଜିତ ହୋଇ ଶିବଙ୍କୁ ଅଭିଶାପ ଦେଇ କହିଲେ ଯେ ଆଜିଠାରୁ ଶିବଙ୍କ ଲିଙ୍ଗକୁ ପୂଜା କରାଯିବ। କେତେକ ଶାସ୍ତ୍ରବିତ୍ ଏହା ମଧ୍ୟ କୁହନ୍ତି ଯେ ତାଙ୍କର କୌଣସି ରୂପ ନଥିବାରୁ ତାଙ୍କୁ ଲିଙ୍ଗ ଭାବେ ପୂଜା କରାଯାଏ। ଆଉ କେହି କୁହନ୍ତି ଯେ ଶିବ ଏବଂ ଶକ୍ତି ହେଉଛନ୍ତି ସୃଷ୍ଟିର ପ୍ରଥମ ପିତା ଏବଂ ମାତା। ତେଣୁ ସେମାନଙ୍କୁ ଗୋଟିଏ ସ୍ଥାନରେ ପୂଜା କରାଯାଏ। ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି–'ଶିବ' ଶବ୍ଦର ଅର୍ଥ ମଙ୍ଗଳ। 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ। ଶିବ ଶବ୍ଦର ଉତ୍ପତ୍ତି ଶୀ-ଧାତୁ ଠାରୁ। ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ। ଶିବଙ୍କର ଆଉ ଏକ ନାମ ଶମ୍ଭୁ। ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା। ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ। ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି। ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି। ସେ ଭୂତନାଥ, ଭୂତେଶ ଓ ଭୂତଭାବନ। ଶିବଙ୍କୁ ସନ୍ତୁଷ୍ଟ କରି ମୃତ୍ୟୁ ଭୟରୁ ରକ୍ଷା ପାଇବା ନିମନ୍ତେ ଯେଉଁ ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଏ ତାହାର ସୁନ୍ଦର ବର୍ଣ୍ଣନା ମାର୍କଣ୍ଡେୟ ପୁରାଣରେ କରାଯାଇଛି। ଶିବଙ୍କୁ ଏହି ମନ୍ତ୍ର ଅର୍ପଣ କରାଯାଇ ତାଙ୍କୁ ମହାମୃତ୍ୟୁଞ୍ଜୟ କୁହାଯାଇଛି। ଋଗ୍‌ବେଦର ସପ୍ତମ ମଣ୍ଡଳ ୫୯ ଶ୍ଲୋକରେ ଏହା ସ୍ଥାନ ପାଇଛି। ବ୍ରହ୍ମର୍ଷି ବଶିଷ୍ଠଙ୍କ ଦ୍ୱାରା ଏହି ମନ୍ତ୍ର ଲେଖାଯାଇଛି। ମନ୍ତ୍ରର ଏକାଦଶ ପଦରେ ଏହାର ଆରମ୍ଭ ହୋଇଛି। ପ୍ରକୃତିର ପାଞ୍ଚ ଶକ୍ତିର ବର୍ଣ୍ଣନା କରାଯାଇଛି। ଏମାନଙ୍କୁ ମରୁତ କୁହାଯାଏ। ଏମାନଙ୍କୁ ରୁଦ୍ରଙ୍କର ସନ୍ତାନ ଭାବେ ବର୍ଣ୍ଣନା କରାଯାଇଛି। ମରୁତ ବାୟୁ, ପବନ ଝଡ଼ ଏବଂ ବାଦଲକୁ ନିୟନ୍ତ୍ରଣ କରନ୍ତି। ତେଣୁ ଆକାଶର ଆଲୋକ ମଧ୍ୟ ଏଥିରୁ ସୃଷ୍ଟ। ଏମାନଙ୍କର ଧ୍ୱଂସ କରିବାର ଶକ୍ତି ରହିଛି। ଏମାନେ ମଧ୍ୟ ଗୃହକୁ ରକ୍ଷା କରନ୍ତି। ପଞ୍ଚ ପ୍ରକୃତି ମଧ୍ୟରେ ସମନ୍ୱୟ ରହିଲେ ଶାନ୍ତି ଏବଂ ସୁରକ୍ଷା ରହେ। ପ୍ରକୃତିର ଏହି ଶକ୍ତିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପରେ ବଶିଷ୍ଠ ଶେଷ ପଦରେ ଯେଉଁ ମନ୍ତ୍ର ଗାନ କରିଛନ୍ତି ତାହା ହେଉଛି ମହାମୃତ୍ୟୁଞ୍ଜୟ ମନ୍ତ୍ର। ଏହାର ଅନେକ ନାମ ରହିଛି। କେହି କେହି ଏହାକୁ ରୁଦ୍ର ମନ୍ତ୍ର କହିଥାନ୍ତି। ଆଉ କେହି ମଧ୍ୟ ଏହାକୁ ତ୍ରୟମ୍ବକମ୍ ମନ୍ତ୍ର କହିଥାଆନ୍ତି। ଅନେକ ସମୟରେ ଏହାକୁ ମୃତ ସଂଜିବନୀ ମନ୍ତ୍ର ମଧ୍ୟ କୁହାଯାଏ। ବେଦଜ୍ଞ ମୁନିଋଷିମାନେ ଏହି ମହାମୃତ୍ୟୁଞ୍ଜୟ ମନ୍ତ୍ରକୁ ବେଦର ହୃଦୟ ବୋଲି କହିଥାଆନ୍ତି। ଗାୟତ୍ରୀ ମନ୍ତ୍ର ସହିତ ଏହାକୁ ଜପ କଲେ ଧ୍ୟାନ ଦୃଢ଼ ହୁଏ ଏବଂ ଅପାର ଶାନ୍ତ ଲାଭ ହୋଇଥାଏ। ଏହି ମନ୍ତ୍ରକୁ ଜପ କଲେ ଜୀବଶକ୍ତିର ପୁର୍ନବିନ୍ୟାସ ହୁଏ। ସ୍ୱାସ୍ଥ୍ୟ ଅତୁଟ ରହେ। ଦୀର୍ଘ ଜୀବନ ଲାଭ ହୁଏ। ଶାନ୍ତି, ପ୍ରଗତି ଏବଂ ସନ୍ତୋଷ ମିଳିଥାଏ। ଯୁଗ ଯୁଗ ଧରି ଏହି ମନ୍ତ୍ର ପରାଶକ୍ତି ସହିତ ଜୀବାତ୍ମାକୁ ସଂଯୋଗ କରିଆସିଛି। ଏହାକୁ ଜପ କଲେ ବାୟୁ ମଣ୍ଡଳରେ ସକାରାତ୍ମକ ଶକ୍ତିର ସଂଚାର ହୁଏ। ଜପ କରୁଥିବା ବ୍ୟକ୍ତିର ଚାରିପଟେ ଏକ ଆଧାତ୍ମିକ କବଚ ସୃଷ୍ଟି କରିଥାଏ। ଏହାକୁ ଜପ କଲେ ନକାରାତ୍ମକ ଶକ୍ତିର ବିନାଶ ହୋଇଥାଏ। ଏହାକୁ ଜପ କଲେ ଶରୀରର ପ୍ରତ୍ୟେକ କଣିକାରେ ଜୀବନ୍ୟାସ ହୋଇଥାଏ। ଅଜ୍ଞତାକୁ ଦୂର କରିଥାଏ। ଏହାକୁ ଜପ କଲେ ଆମ ଭିତରେ ଏକ ଦୈବୀ ଅଗ୍ନି ସୃଷ୍ଟି ହୁଏ ଯାହାକି ସମସ୍ତ ନକାରାତ୍ମକ ଶକ୍ତିକୁ ପୋଡ଼ିଦିଏ ଏବଂ ଆମକୁ ପବିତ୍ର କରିଦିଏ। ଏହା ମଧ୍ୟ କୁହାଯାଏ ଯେ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କଲେ ଅସାଧ୍ୟ ରୋଗ ଭଲ ହୋଇଯାଏ। ମୃତ୍ୟୁର ଭୟରୁ ଏହି ମନ୍ତ୍ର ବ୍ୟକ୍ତିକୁ ରକ୍ଷା କରିବା ସହିତ ଅନ୍ତରାତ୍ମା ସହିତ ଆମକୁ ଯୋଡ଼ିଦିଏ। ଆମ ଭିତରେ ଥିବା ଶିବଙ୍କୁ ଏହା ଜାଗ୍ରତ କରେ ଏବଂ ଜୀବନ ମୃତ୍ୟୁ ଚକ୍ରରୁ ଆତ୍ମାକୁ ମୁକ୍ତ କରିଥାଏ। ଏହା ମୋକ୍ଷ ପ୍ରଦାନ କରେ। ପରମାତ୍ମା ସହିତ ଜୀବାତ୍ମାର ମହାମିଳନ ଘଟାଇ ପୁନର୍ଜନ୍ମରୁ ରକ୍ଷା କରେ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,**
**ସହ-ପ୍ରତିରକ୍ଷକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

## ବୁଦ୍ଧ ମନ୍ଦିରରେ ବୁଦ୍ଧ ମୂର୍ତ୍ତି ପୁନଃ ସ୍ଥାପିତ

ଭୁବନେଶ୍ୱର (ପିଏନ୍): ଗତ ଫନି ମହାବାତ୍ୟାରେ ଉପୁଡ଼ି ପଡ଼ିଥିବା ବୋଧିଦ୍ରୁମର ପୁନଃ ସ୍ଥାପନ ଓ ବୈଜ୍ଞାନିକ ପ୍ରକ୍ରିୟାର ସଫଳତା ପରେ, ବୋଧିଦ୍ରୁମ ପରିସରରେ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତିକୁ ସର୍ବଭାରତୀୟ ମହାବୋଧି ସମିତିର ସାଧାରଣ ସମ୍ପାଦକ ମହାମାନ୍ୟ ଶିଓଲି ଥେରୋ ପୁନଃ ପ୍ରତିଷ୍ଠା କରିଛନ୍ତି। ଏହି ଅବସରରେ ଓଡ଼ିଶା ଶାଖାର ଭାରପ୍ରାପ୍ତ ଭୀକ୍ଷୁ ଆଶାଜୀ ଥେରୋ ସୂତ୍ର ପାଠ କରିଥିଲେ। ଉପସ୍ଥିତ ସଦସ୍ୟମାନଙ୍କୁ ମାର୍ଗଦର୍ଶନ ଦେଇ ଶିଓଲିଜୀ କହିଲେ ଯେ, ବୁଦ୍ଧଙ୍କର ପ୍ରତ୍ୟେକଟି ବାଣୀ କାଳଜୟୀ। ମାନବଜାତିର କେବଳ କଲ୍ୟାଣ ନୁହେଁ, ସମଗ୍ର ଜୀବଜଗତର କଲ୍ୟାଣ ପାଇଁ ବୁଦ୍ଧଙ୍କର ବାଣୀ ଅଭିପ୍ରେତ। ସଭାପତି ଡଃ ବିମଳେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଡଃ ସୌରେନ୍ଦ୍ର କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ବିମଳ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବଭାରତୀୟ ଉପ-ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଆଗାମୀ ବୁଦ୍ଧ ପୂର୍ଣ୍ଣିମାରେ ଆନ୍ତର୍ଜାତିକ ଶାନ୍ତିସ୍ତୁପର ଶିଳାନ୍ୟାସ କରିବାକୁ ପ୍ରସ୍ତାବ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଅବସର ବେଉରିଆ, ନମ୍ରତା ଚଢା, ଅସୀତ ମହାନ୍ତି, ନରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହାଶିବରାତ୍ରିରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ପଲିଥିନ୍, ପ୍ଲାଷ୍ଟିକ୍ ଓ ମାଦକ ଦ୍ରବ୍ୟ ପ୍ରବେଶ ଉପରେ କଟକଣା ପାଇଁ ଉଠିଲା ଦାବୀ



ଭୁବନେଶ୍ୱର (ପିଏନ୍): ଆଜି ଜାଗର ଯାତ୍ରା। ଏକାମ୍ରକ୍ଷେତ୍ର ଚଳଚଞ୍ଚଳ। ଓଁ ନମଃ ଶିବାୟ, ହର ହର ମହାଦେବ ଧ୍ୱନିରେ ପ୍ରକମ୍ପିତ ହେବ ଏକାମ୍ରକ୍ଷେତ୍ର। ଏକାମ୍ରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ଦେଶ ଓ ରାଜ୍ୟ ବାହାରୁ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହେବ। ଭକ୍ତଙ୍କ ସୁବିଧା ଲାଗି ପ୍ରଶାସନ ପକ୍ଷରୁ ଅନେକ ନୂଆ ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଯାହା ବାସ୍ତବିକ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ। ଏଇ କିଛିବର୍ଷ ହେଲା ପ୍ରଶାସନ ପକ୍ଷରୁ ମନ୍ଦିର ଭିତରକୁ ପଲିଥିନ୍, ପ୍ଲାଷ୍ଟିକ୍ ଜିନଷ ପ୍ରବେଶ ଉପରେ କଟକଣା ଜାରି ହେଉଥିଲେ ସୁଦ୍ଧା ଭକ୍ତମାନେ ମନ୍ଦିରର ପ୍ରବେଶ ପଥରେ ସେଗୁଡ଼ିକୁ ସହଜରେ ପାର୍ କରି ଶେଷରେ ମନ୍ଦିର ଭିତରେ ଏଣେ ତେଣେ ଫୋପାଡ଼ି ଚାଲି ଯାଇଥାନ୍ତି। ଯାହାକି ପରବର୍ତ୍ତୀ ସମୟରେ ମନ୍ଦିରର ଚତୁଃପାର୍ଶ୍ୱରେ ପୂତିଗନ୍ଧମୟ ହେବା ସହ ଏଗୁଡ଼ିକ ଦେଖିବାକୁ ମିଳେ। ଯଦ୍ୱାରା ଐତିହ୍ୟ କୀର୍ତ୍ତିରାଜି ସମ୍ପନ୍ନ ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିରର ପରିବେଶ ନଷ୍ଟ ହେବା ସହ ପରିବେଶ ବିଗିଡ଼ି ଯାଏ। ଏତଦ୍‌ସହ ବୁଲା ଗୋରୁ ଗାଈ, ଷଣ୍ଢ ଏଗୁଡ଼ିକୁ ଖାଇ ପରବର୍ତ୍ତୀ ସମୟରେ ମୃତ୍ୟୁର ଶିକାର ହୋଇଥାନ୍ତି। ପ୍ରଶାସନ ପକ୍ଷରୁ ମନ୍ଦିରରେ ସୁରକ୍ଷା ଓ ଭକ୍ତଙ୍କ ଯାଞ୍ଚ ଦାୟିତ୍ୱରେ ଅନେକ ପୋଲିସ୍ କର୍ମଚାରୀ ନିୟୋଜିତ ରହିଥାନ୍ତି। କିନ୍ତୁ ଯାଞ୍ଚର କୋହଳ ପ୍ରକ୍ରିୟା ଯୋଗୁ ପଲିଥିନ୍, ପ୍ଲାଷ୍ଟିକ ଓ ମାଦକଦ୍ରବ୍ୟ ମନ୍ଦିର ଭିତରକୁ ସହଜରେ ପ୍ରବେଶ କରୁଛି। ପଲିଥିନ୍, ପ୍ଲାଷ୍ଟିକ୍ ଓ ମାଦକ ଦ୍ରବ୍ୟକୁ ମନ୍ଦିର ଭିତରକୁ ପ୍ରବେଶ ଉପରେ ନିଷିଦ୍ଧ ପାଇଁ କଟକଣା ଜାରି କରିବାକୁ ପରିବେଶବିତ୍ ତଥା ସାମାଜିକ କର୍ମୀ ସୁଶାନ୍ତ ସାହୁ ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି।

## ଧର୍ମଶାଳା ବ୍ଲକରେ ନୂତନ ବିଡ଼ିଓ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକରେ ନୂତନ ବିଡିଓ ଭାବରେ ସ୍ମିତା ରଥ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏଥିପୂର୍ବରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲ୍ଲାପାଳ ଭାବରେ କାର୍ଯ୍ୟ କରୁଥିଲେ। କାର୍ଯ୍ୟରେ ଯୋଗଦେବା ପରେ ଏବିଡିଓ ଅସିତ୍ ପାତ୍ରଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ତେବେ ସ୍ମିତା ରଥ ବ୍ଲକର ପ୍ରଥମ ମହିଳା ବିଡିଓ ହୋଇଥିବା ବେଳେ ଆଗାମୀ ଦିନରେ ଧର୍ମଶାଳା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ବଡ ବ୍ଲକକୁ ପରିଚାଳନା କରିବା ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି।

# ମହାଶିବରାତ୍ରୀ : ଜାଗର





ହିନ୍ଦୁଧର୍ମ ବୈଦିକ ଯୁଗରୁ ବହୁ ପୂଜା ପାର୍ବଣର ବ୍ୟବସ୍ଥା ଅଛି। ପ୍ରକୃତି ଉପାସନରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ବହୁ ଦେବଦେବୀ ଏହାମଧ୍ୟରେ ପ୍ରବେଶ କରିଛନ୍ତି। ତେବେ ବର୍ତ୍ତମାନ ମୁଖ୍ୟତଃ ତିନିଶ୍ରେଣୀର ପୂଜା; ବିଷ୍ଣୁ, ଶିବ ଏବଂ ଶକ୍ତିଙ୍କର ବିଶେଷ ଭାବେ ପ୍ରଚଳିତ। ଜାଗର ଉତ୍ସବ ଶିବଙ୍କୁ କେନ୍ଦ୍ରକରି ପାଳିତ ହୁଏ। ଏହି ପର୍ବଟି ସାରା ଭାରତରେ ପାଳିତ ହୁଏ। ବିଶେଷକରି କାଶ୍ମୀରୀ ହିନ୍ଦୁ ପଣ୍ଡିତମାନଙ୍କର ଏହା ମହାନ ପର୍ବ। ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିବସରେ ଶିବ ସ୍ୱୟଂ ଜ୍ୟୋତିର୍ଲିଙ୍ଗ ରୂପେ ପ୍ରକାଶିତ ହୋଇଥିବାରୁ, ଏ ଦିନଟିକୁ ତାଙ୍କର ଜନ୍ମଦିବସରୂପେ ପାଳନ କରାଯାଏ। ଭିନ୍ନମତେ ଏହିଦିନ କୁଆଡ଼େ ଶିବ-ପାର୍ବତୀଙ୍କର ବିଭାଘର ହୋଇଥିଲା ବୋଲି ମଧ୍ୟ ଏହାକୁ ଗୁରୁତ୍ୱ ଦେଇ ସମସ୍ତ ବିବାହିତ ଦମ୍ପତ୍ତି ଏହାକୁ ଶିବବ୍ରତ ରୂପେ ପାଳନ କରନ୍ତି। ଖାଲି ସେତିକି ନୁହେଁ, ପୁରାଣ ଏବଂ ଶାସ୍ତ୍ରମତେ ଏହି ଦିବସରରେ ଯେଉଁମାନେ ଉପବାସ ପାଳନ ଏବଂ ରାତ୍ର ଜାଗରଣ ପୂର୍ବକ ଶିବ ଉପାସନା ଏବଂ ଆରାଧନା କରନ୍ତି ତାଙ୍କର ସମସ୍ତ ପାପରୁ ମୁକ୍ତ ମିଳେ ବୋଲି ବିଶ୍ୱାସ କରାଯାଏ। ରାତ୍ର ଜାଗରଣ ଏବଂ ପ୍ରଦୀପ ଜ୍ୱଳନ ପୂର୍ବକ ଏହି ଶିବରାତ୍ରଟି ପାଳନ କରାଯାଉଥିବାରୁ ଏହାକୁ ଜାଗର ବୋଲି ନାମିତ କରାଯାଇଛି। ଏହି ଦିନ ଅର୍ଦ୍ଧରାତ୍ରୀରେ ମନ୍ଦିରର ଦଧିନଉତି ଉପରକୁ ମହାଦୀପ ଉଠିବା ପରେ ଉପାସକମାନେ ଏହାକୁ ଦର୍ଶନ କରି ଉପବାସ ଭଙ୍ଗ କରନ୍ତି। ଏହି ପର୍ବ ସମସ୍ତ ଶିବ ମନ୍ଦିରମାନଙ୍କରେ ଅନୁଷ୍ଠିତ ହୁଏ। ଏହାକୁ ମହାସମାରୋହରେ ପାଳନ କରାଯାଏ ବୋଲି ଏହା ମହାଶିବରାତ୍ରୀ ନାମେ ଖ୍ୟାତ। ଶିବ ହେଉଛନ୍ତି ସକଳ ଅଭୀଷ୍ଟ ପୂରଣକାରୀ ଈଶ୍ୱର। ସକଳ ଦୁଃଖ-ତାପହାରୀ। ସେ ଆନନ୍ଦର ଉତ୍ସ: ଆନନ୍ଦ ଲହାରୀ ଶିବ ହିଁ ସତ୍ୟ ଏବଂ ସୁନ୍ଦର। ଶିବହୀନ ଏ ପିଣ୍ଡ ଜଡ଼: ଶବ। ଏଣୁ ସେ ଆବାଳବୃଦ୍ଧବନିତା ସମସ୍ତଙ୍କର ପୂଜ୍ୟ। ତାଙ୍କ ପୂଜନର ମୁଖ୍ୟ ପିଣ୍ଡହିଁ ଲିଙ୍ଗ : ଜ୍ୟୋତିର୍ଲିଙ୍ଗ। ସେ ହେଉଛନ୍ତି ଅକର୍ମରୁ କର୍ମଦାୟକ: ଶିଳା। ସେହି ଲିଙ୍ଗକୁ ଗଙ୍ଗାଜଳ କ୍ଷୀର, ଦଧି, ମହୁ, ଘିଅ, କଦଳୀ ଏବଂ ବେଲ ଇତ୍ୟାଦି ଦେଇ ପୂଜା କରାଯାଏ; ଶ୍ରୀଫଳ ସମର୍ପଣ କରି ଜଳଶାୟୀ କରାଯାଏ। ଜଳଶାୟୀ ବେଳେ ଯାଚକର ନାମ ନେଇ ଡକାଯାଏ। ଏଥିରେ ତା'ର ସକଳ ପାତକ ନାଶ ପାଇଁ ମନୋବାଞ୍ଛା ପୂରଣ ହୁଏ ବୋଲି ବିଶ୍ୱାସ ଚଳିଆସୁଅଛି। ଶିବଙ୍କର ପ୍ରିୟ ହେଉଛି ବେଲପତ୍ର। ଫଳରେ ଧାତୁରା ଏବଂ ଫୁଲରେ ଅର୍କ। ଏଣୁ ଶିବ ପୂଜନରେ ଏ ତିନୋଟି ମୁଖ୍ୟଙ୍କୁ ନେଇ ତାଙ୍କୁ ଚଢ଼ାଯାଏ ବା ଆବୃତ୍ତ କରାଯାଏ। କୁହାଯାଏ ଯେ ଯେଉଁମାନେ ଶିବ ପୂଜନ କରନ୍ତି, ସେମାନେ ମୃତ୍ୟୁପରେ ଶିବଲୋକ ପ୍ରାପ୍ତ ହୁଅନ୍ତି। ତାଙ୍କୁ ଯମଦଣ୍ଡ ଲାଗେ ନାହିଁ। ପୁରାଣରୁ ମିଳେ: ରାବଣ ଶିବ ଭକ୍ତ ଥିଲା। ସେତୁବନ୍ଧ ସ୍ଥାପନବେଳେ ରାମଚନ୍ଦ୍ର ଶିବପୂଜା କରିଥିଲେ ଏବଂ ଶିବଲିଙ୍ଗ ସ୍ଥାପନ କରିଥିବାରୁ ସେ ଲିଙ୍ଗଙ୍କ ନା ରାମେଶ୍ୱର ରହିଛି। ପର୍ଶୁରାମ ଶିବଙ୍କୁ ପୂଜି ବରପ୍ରାପ୍ତ ହୋଇଥିଲେ। ପାଣ୍ଡବମାନେ ବନବାସ କାଳରେ ବିଭିନ୍ନ ସ୍ଥାନରେ ଶିବଲିଙ୍ଗ ସ୍ଥାପନ କରି ସେଗୁଡ଼ିକର ପୂଜାର ପ୍ରଚଳନ କରିଥିଲେ। ଶିବପୁରାଣ ଏବଂ ଲିଙ୍ଗ ପୁରାଣରୁ ଶିବଙ୍କର ମହାତ୍ମ୍ୟ ମିଳେ। ସେ ଅଠଚାଳିଶିଟି ନାମରେ ଆରାଧିତ। ବିଷ୍ଣୁ ଓ ବ୍ରହ୍ମାଙ୍କ କଳହରୁ ସେମାନଙ୍କର ବିବାଦ ମେଣ୍ଟାଇବା ପାଇଁ ସେ ଲିଙ୍ଗ : ଜ୍ୟୋତିର୍ଲିଙ୍ଗ ରୂପେ ପ୍ରଥମେ ପ୍ରତୀୟମାନ ହୋଇଥିଲେ। ବ୍ରହ୍ମା ତାଙ୍କୁ ମିଥ୍ୟା କହିଥିବାରୁ ସେ ବ୍ରହ୍ମାମୁକ୍ତ ଏବଂ ବିଷ୍ଣୁ ସତ୍ୟ କହିଥିବାରୁ ସେ ବିଷ୍ଣୁଯୁକ୍ତ ଯେମିତି 'ହରିହର'। ଭାରତରେ ୧୨ଗୋଟି ମୁଖ୍ୟ ପ୍ରାଚୀନ ଶିବମନ୍ଦିର ଅଛି। ଓଡ଼ିଶାର ଗାଁଗଣ୍ଡାରେ ଭରପୁର। ଭୁବନେଶ୍ୱର ପରି ମନ୍ଦିର ନଗରୀ ତ' ଖାଲି ଶିବମୟ। ଜାଗରଯାତ୍ରା ଓଡ଼ିଶାର ଗଣପର୍ବ। ଭୁବନେଶ୍ୱରର ଲିଙ୍ଗରାଜ, ପୁରୀର ଲୋକନାଥ, ଶରଣକୂଳର ଲଡୁବାବା ଏବଂ ଢେଙ୍କାନାଳର କପିଳାସ ଇତ୍ୟାଦି ମନ୍ଦିରରେ ଜାଗରଯାତ୍ରା ବିଶେଷ ଭାବେ ଉଲ୍ଲେଖନୀୟ। ଶିବ ଲିଙ୍ଗ ଆକାରରେ ପ୍ରତୀକାତ୍ମକ ଭାବେ ପୂଜିତ ହେଲେ ହେଁ ସେ ନିରାକାର : ନିରଞ୍ଜନ, ଇଚ୍ଛା ଶକ୍ତ୍ୟାଶ୍ରୟ ନିର୍ବିଶେଷ ବ୍ରହ୍ମ ଏବଂ ସର୍ବବ୍ୟାପକ। ସେ ମଙ୍ଗଳମୟ। ଆସନ୍ତୁ ତାଙ୍କର ଶରଣାପନ୍ନ ହେବା ! ଓଁ ନମଃ ଶିବାୟ।

**ବିପିନବିହାରୀ ମହାନ୍ତି,**
**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

## 'ଯୁଗଶ୍ରୀ ଯୁଗନାରୀ'ର ବାର୍ଷିକ ସାରସ୍ୱତ ସମାରୋହ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ବାଲେଶ୍ୱରରୁ ନିୟମିତ ଭାବେ ପ୍ରକାଶିତ ମାସିକ ମହିଳା ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ବାର୍ଷିକ ସାରସ୍ୱତ ସମାରୋହ-୨୦୨୦ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଫେବୃଆରୀ ୧୮ ତାରିଖ ମଙ୍ଗଳବାର ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନ (ସୂଚନା ଭବନ)ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ପଦ୍ମଭୂଷଣ ରମାକାନ୍ତ ରଥ ଯୋଗଦେଇ ପତ୍ରିକାର ଗୁଣାତ୍ମକ ମାନ କମିଯାଉଥିବାରୁ କ୍ଷୋଭ ପ୍ରକାଶ କରି 'ଯୁଗଶ୍ରୀ ଯୁଗନାରୀ' ପତ୍ରିକା ଏହାର ଉତ୍କର୍ଷତା ପ୍ରତିପାଦନ କରିପାରିଥିବାରୁ ପତ୍ରିକାର ଶୁଭାକାମନା କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା ଏହି ପତ୍ରିକା ନାରୀ ପ୍ରାଣର ସ୍ପନ୍ଦନ ଭାବେ ସୁପ୍ରତିଷ୍ଠିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ନାଟ୍ୟକାର ଓ ସୁସାହିତ୍ୟିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ର ପତ୍ରିକାର ଉପାଦେୟତା ଓ ଗୁଣବତ୍ତା ଉପରେ ଆଲୋଚନା କରି ପାଠକମାନଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଥିଲେ। ଶ୍ରୀମତୀ ମମତା ମହାପାତ୍ର, ସଂପାଦିକା, 'ଯୁଗଶ୍ରୀ ଯୁଗନାରୀ' ପୌରୋହିତ୍ୟ କରିଥିଲେ। ପତ୍ରିକାର ସହ ସମ୍ପାଦିକ ଡ. ପ୍ରଭାବତୀ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସାରସ୍ୱତ ସମାରୋହରେ ଯୁଗଶ୍ରୀ ଯୁଗନାରୀର ବାର୍ଷିକ ସଂଖ୍ୟା ଫେବୃୟାରୀ-୨୦୨୦ର ଉନ୍ମୋଚନ କରାଯାଇଥିଲା। ଏଥରର ସଂଖ୍ୟାରେ ଅଛନ୍ତି ଶିଶୁ ସାହିତ୍ୟିକା ଓ ସଂସାର ପତ୍ରିକାର ସମ୍ପାଦିକା ଶ୍ରୀମତୀ ଅନସୂୟା ନନ୍ଦ ଓ ତାଙ୍କର ସାକ୍ଷାତ୍‌କାର ନେଇଛନ୍ତି ଗାଳ୍ପିକା ରୁମ୍‌ଝୁମ୍ ନାୟକ। ଏଥିରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ, ଇଂ. ପ୍ରିୟବ୍ରତ ଦା, ଶନ୍ନୋ ଦେବୀ, ଅବସରପ୍ରାପ୍ତ ରାଷ୍ଟ୍ରଦୂତ ଅବସର ବେଉରିଆ, ଶାଶ୍ୱତୀ ବଳ, ସୁଷମା ତେଜ, କୁନ୍ତଳା କୁମାରୀ ଆଚାର୍ଯ୍ୟ, ଶୈଳରାଣୀ ମିଶ୍ର, ସମାଜର ପରିଚାଳନା ନିର୍ଦ୍ଦେଶକ ସୁରେଶ ମନ୍ତ୍ରୀ, ବନଜ ଦେବୀ, ଡ.ମନୋରମା ବିଶ୍ୱାଳ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭା ଆରମ୍ଭରେ ବିପ୍ଳବୀ କବି ରବି ସିଂ, ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ସୁନନ୍ଦା ପଟ୍ଟନାୟକ, ସମାଜସେବୀ ଡା. ସରସ୍ୱତୀ ସ୍ୱାଇଁ ଓ ଶିକ୍ଷାବିତ୍ ଡ. ରେଖା ମହାନ୍ତିଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହରେ 'ଯୁଗଶ୍ରୀ ଯୁଗନାରୀ ସାରସ୍ୱତ ସମ୍ମାନ' ଶ୍ରୀମତୀ ଗାୟତ୍ରୀ ସରାଫ୍, ବିଶିଷ୍ଟ କଥାକାର; 'ଯୁଗଶ୍ରୀ ଯୁଗନାରୀ ସମାଜସେବା ସମ୍ମାନ', ଶ୍ରୀମତୀ ସ୍ୱର୍ଣ୍ଣ ମିଶ୍ର,ବିଶିଷ୍ଟ ସମାଜସେବୀ ଓ 'ଯୁଗଶ୍ରୀ ଯୁଗନାରୀ ଶ୍ରେଷ୍ଠସଂପାଦିକା ସମ୍ମାନ' ଡ. ଇତି ସାମନ୍ତ, ସଂପାଦିକା, 'କାଦମ୍ବିନୀ'ଙ୍କୁ ସମ୍ବର୍ଦ୍ଧିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମେଜର ଡ. କୁମୁଦିନୀ ବରାଇଙ୍କ ଅନୁବାଦ ପୁସ୍ତକ 'ଜୀବନ ଜଞ୍ଜାଳ', ଶ୍ରୀମତୀ ସରୋଜିନୀ ବର୍ମାଙ୍କ କବିତା ପୁସ୍ତକ 'କୁମୁଦିନୀ' ଓ ଗୀତାଞ୍ଜଳି ପଟ୍ଟନାୟକଙ୍କ ଗଳ୍ପ ପୁସ୍ତକ 'ମନସୃଜନ'ର ଲୋକାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବେଦ ପାଠ କରିଥିଲେ ଶ୍ରୀମତୀ ଲିତା ଦାଶ, ମମତା ମହାପାତ୍ର ଏବଂ ସୁପ୍ରିୟା ରଥ ଓ ସରସ୍ୱତୀ ବନ୍ଦନା ଗାନ କରିଥିଲେ ଗୀତାଞ୍ଜଳି ପଟ୍ଟନାୟକ ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏଥିରେ ମାନପତ୍ର ପାଠ କରିଥିଲେ ଡ. ସୁଷମା ମିଶ୍ର, ଡ. ମୀନାକ୍ଷୀ ପଣ୍ଡା ଓ ଡ. ଗାୟତ୍ରୀ କର। କାର୍ଯ୍ୟକ୍ରମରେ କମଳାକାନ୍ତ ଦାଶ, ସ୍ମୃତି ଦାସ, ବସନ୍ତ ପ୍ରଧାନ ଓ ମିହିର ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସୁଶ୍ରୀ ଗୀତାଞ୍ଜଳି ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com






# ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ମ୍ୟାକ୍ସ ଲାଇଫ୍ ସହିତ ଦୀର୍ଘମିଆଦୀ ସହଯୋଗିତାର ସୁଯୋଗ ସନ୍ଧାନ ପାଇଁ ଆଲୋଚନା ଆରମ୍ଭ

ଭୁବନେଶ୍ୱର : ମ୍ୟାକ୍ସ ଲାଇଫ୍ ସହିତ ଦୀର୍ଘମିଆଦୀ ସହଯୋଗିତା ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଥିବା ଆକ୍ସିସ୍ ବ୍ୟାଙ୍କ ଏନେଇ କଣ ସୁଯୋଗ ରହିଛି ତାହାର ସନ୍ଧାନ କରୁଛି । ଏ ନେଇ ଆଜି ଆକ୍ସିସ୍ ବ୍ୟାଙ୍କ, ମ୍ୟାକ୍ସ ଫାଇନାନ୍ସିଆଲସର୍ଭିସେସ୍ ଲିମିଟେଡ୍ (ଏମଏଫ୍ଏସ୍) ଓ ମ୍ୟାକ୍ସ ଲାଇଫ୍ ଇନ୍ସ୍ୟୁରାନ୍ସ କଂପାନି ଲିମିଟେଡ୍ (ମ୍ୟାକ୍ସ ଲାଇଫ୍) ମଧ୍ୟରେଏକ ଗୋପନୀୟ ଓ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସ୍ୱାକ୍ଷରିତ ହୋଇଛି ।ବ୍ୟାଙ୍କର ମାଲିକାନା ନଥିବା ସର୍ବବୃହତ ଘରୋଇ ବୀମା କଂପାନି ହେଉଛି ମ୍ୟାକ୍ସ ଲାଇଫ୍ । ମ୍ୟାକ୍ସ ଲାଇଫ୍ରେ ମ୍ୟାକ୍ସଫାଇନାନ୍ସିଆଲ ସର୍ଭିସେସ୍ର ୭୨.୫% ଅଂଶଧନ ଥିବା ବେଳେ ମିତସୁଇ ସୁମିଟୋମୋ ଇନସ୍ୟୁରାନ୍ସ ଓ ଆକ୍ସିସ୍ବ୍ୟାଙ୍କର ଯଥାକ୍ରମେ ୨୫.୫% ଓ ୨.୦% ଅଂଶଧନ ରହିଛି । ଆକ୍ସିସ୍ ବ୍ୟାଙ୍କ ଓ ମ୍ୟାକ୍ସ ଲାଇଫ୍ ମଧ୍ୟରେ ଦୀର୍ଘ ଏକଦଶନ୍ଧୀରୁ ଅଧିକ ସମୟ ଧରି ବ୍ୟାଙ୍କଆସ୍ୟୁରାନ୍ସ ବୁଝାମଣା ରହିଥିଲା । ଏହି ଅବଧି ଭିତରେ ମ୍ୟାକ୍ସ ଲାଇଫ୍ ପାଇଁ ଆକ୍ସିସ୍ ବ୍ୟାଙ୍କ ୧୨ ହଜାର କୋଟି ଟଙ୍କାର ନୂଆ ପ୍ରିମିୟମ୍ ସଂଗ୍ରହ କରିଛି । ଏହି ବୁଝାମଣା ସମ୍ପର୍କରେ ଶ୍ରୀଯୁକ୍ତ ଅମିତାଭ ଚୌଧୁରୀ, ଏମ୍ଡି ଓ ସିଇଓ, ଆକ୍ସିସ୍ ବ୍ୟାଙ୍କ କହିଛନ୍ତି ଯେ, "ବ୍ୟାଙ୍କରେ ଆମେ ସର୍ବଦା ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସନ୍ଧାନରେ ଥାଉ ଏବଂ କମ୍ ଜୀବନ ବୀମା ସାନ୍ଦ୍ରତା ଥିବାର କ୍ଷେତ୍ରରେ ଶ୍ରେଷ୍ଠ ସହଯୋଗିତାର ସୁଯୋଗ ରହିଥିବା ଆମେ ଦେଖିପାରୁଛୁ । ମ୍ୟାକ୍ସ ଲାଇଫ୍ ସହିତ ଆମର ଦୀର୍ଘ ଅବଧିର ବ୍ୟାଙ୍କଆସ୍ୟୁରାନ୍ସ ସହଯୋଗିତା ରହିଛି ଏବଂ ଏବେ ଚାଲିଥିବା ଆଲୋଚନା ହେଉଛି ସେହି ଗୁରୁତ୍ୱପୂର୍ଣ୍ଣ ସହଯୋଗିତାକୁ ଆଉ କିଛି ପାଦ ଆଗକୁ ନେବା କ୍ଷେତ୍ରରେ ପ୍ରୟାସ । ଏହି ପ୍ରସ୍ତାବିତ ବୁଝାମଣା ହେଲେ ସମସ୍ତ ଅଂଶୀଦାରଙ୍କ ପାଇଁ ବହୁମୂଲ୍ୟ ସୃଷ୍ଟି ହୋଇପାରିବ ।'' ମ୍ୟାକ୍ସ ଗ୍ରୁପ୍ର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଶ୍ରୀଯୁକ୍ତ ଅନଲଜିତ ସିଂହ କହିଛନ୍ତି ଯେ, "ମ୍ୟାକ୍ସ ଲାଇଫ୍-ଆକ୍ସିସ୍ ବ୍ୟାଙ୍କ ସହଯୋଗିତା ପ୍ରାକୃତିକ । ପଲିସି ବିକ୍ରି,ଗ୍ରାହକ ସନ୍ତୁଷ୍ଟି, ଆବଶ୍ୟକତା ଭିତିକ ପଲିସି ରାଇଟିଂ ଏବଂ ପ୍ରଯୁକ୍ତି ସମନ୍ୱୟ ଭଳି ଅନେକ ବିଷୟ ଦୃଷ୍ଟିରୁ ଜୀବନ ବୀମା ଶିଳ୍ପରେ ଏହି ସହଯୋଗିତା ଅନେକ ମାଇଲଖୁଂଟ ହାସଲ କରିଛି । ମ୍ୟାକ୍ସ ଲାଇଫ୍ ପ୍ରତି ଆକ୍ସିସ୍ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଆଗ୍ରହ ଉଭୟ କଂପାନିକୁ ପଲିସିଧାରକ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ହିତ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାର ସୁଯୋଗ ପ୍ରଦାନ କରିବ । ଆମର ବିଶ୍ୱାସ ରହିଛି ଯେ ଏହି ସମ୍ଭାବ୍ୟ ବୁଝାମଣା ଜୀବନ ବୀମା କ୍ଷେତ୍ରରେ ଥିବା ଅଭାବକୁ ପୂରଣ କରିପାରିବ ।'' ଆକ୍ସିସ୍ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଳୟ ମଣ୍ଡଳ କହିଛନ୍ତି ଯେ, "ଆକ୍ସିସ ବ୍ୟାଙ୍କ ଓ ମ୍ୟାକ୍ସ ଲାଇଫ୍ ଦୀର୍ଘ ଦଶନ୍ଧୀରୁ ଅଧିକ ସମୟ ଏକତ୍ର କାର୍ଯ୍ୟ କରି ଗ୍ରାହକଙ୍କ ପାଇଁ ଅନେକ ମୂଲ୍ୟ ଆଣିଦେଇଛନ୍ତି ।

# ପୁଣି ଜଣେ ପ୍ରସୂତିଙ୍କ ଜୀବନ ବଞ୍ଚାଇଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

ଭୁବନେଶ୍ୱର: ଅନେକ ସମୟରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସେମାନଙ୍କ କର୍ତ୍ତବ୍ୟରେ ନିଷ୍ଠା ଓ ଉଚ୍ଚ ମାନବିକତା ପ୍ରଦର୍ଶନ କରି ସମାଜରେ ଉଚ୍ଚ ପ୍ରଶଂସିତ ହେଉଛନ୍ତି । କାର୍ଯ୍ୟକ୍ଷେତ୍ରରେ ରୋଗୀଙ୍କୁ ରକ୍ତଦେବାଠାରୁ ଆରମ୍ଭ କରି ଦୁର୍ଘଟଣାସ୍ଥଳୀରୁ ଆହତମାନଙ୍କ ଅର୍ଥ, ଅଳଙ୍କାର, ଦରକାରୀ କାଗଜପତ୍ର ଇତ୍ୟାଦି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିବା ପର୍ଯ୍ୟନ୍ତ ସେମାନେ ସଚ୍ଚୋଟତା ପ୍ରଦର୍ଶନ କରିବା ସହିତ ସମାଜ ପାଇଁ ଉଦାହରଣ ପାଲଟୁଛନ୍ତି । ପୁଣି ଏହିଭଳି ଏକ ଘଟଣା ନଜରକୁ ଆସିଛି, ଯେଉଁଥିରେ ଜଣେ ୧୦୮ କର୍ମଚାରୀ ଜଣେ ପ୍ରସବ କରିଥିବା ମହିଳାଙ୍କୁ ରକ୍ତଦେଇ ତାଙ୍କୁ ଏକ ନୂତନ ଜୀବନ ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ ଚଳିତ ଫେବୃଆରୀ ୧୮ ତାରିଖରେ ଏକ କଲ୍ ଗ୍ରହଣ କରି ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ବେଲଗାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏମକେସିଜିକୁ ଯାଇଥିଲେ । ସେହି ସମୟରେ ସନ୍ତୋଷ ବେହେରା ଦଳାଇ ନାମକ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ମିତା ବେହେରା ଦଳାଇଙ୍କ ପାଇଁ ଜରୁରୀ ଆବଶ୍ୟକତାନେଇ ରକ୍ତ ସନ୍ଧାନ କରୁଥିଲେ । ମିତା ବେହେରା ସଂାନ ପ୍ରସବ କରିଥିଲେ ଏବଂ ତାଙ୍କୁ ତୁରଂ ରକ୍ତର ଆବଶ୍ୟକତା ଥିଲା । ରକ୍ତ ଖୋଜୁଥିବାବେଳେ ସେ ଉକ୍ତ ଆମ୍ବୁଲାନ୍ସ ନିକଟରେ ପହଞ୍ଚି ରକ୍ତ ପାଇଁ ସାହାଯ୍ୟ ମାଗିଥିଲେ । ଠିକ ସେହି ସମୟରେ ଏହି ଆମ୍ବୁଲାନ୍ସର କର୍ମଚାରୀ ଅଶୋକ କୁମାର ରାଉଳ ବିନା କୌଣସି ଦ୍ୱିଧାରେ ଉକ୍ତ ରୋଗୀଙ୍କୁ ରକ୍ତ ଦେବା ପାଇଁ ଆଗେଇ ଆସିଥିଲେ । ଉକ୍ତ କର୍ମଚାରୀଙ୍କର ନିଃସ୍ୱାର୍ଥପରଭାବେ ମହିଳାଙ୍କୁ ରକ୍ତ ଦେଇ ତାଙ୍କର ଜୀବନ ରକ୍ଷା କରିଥିଲେ । ଏହା ସମ୍ପର୍କରେ ଶ୍ରୀ ସବ୍ୟସାଚୀ ବିଶ୍ୱାଳ, ଓଡ଼ିଶା ମୁଖ୍ୟ, ଜିକିତ୍ସା ହେଲଥ କେୟାର ଲିମିଟେଡ କହିଛନ୍ତି ଯେ, 'ଏହିଭଳି ଜଣେ ସଦସ୍ୟଙ୍କୁ ପାଇ ଆମେ ଗର୍ବିତ, ଯେକି ସର୍ବଦା ନିଃସ୍ୱାର୍ଥପରଭାବେ ଅନ୍ୟ ରୋଗୀମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ । ମୋ ଦୃଷ୍ଟିରୁ ଅଶୋକ କୁମାରଙ୍କ ଦ୍ୱାରା ହୋଇଥିବା ଏହା ଏକ ପ୍ରେରଣାଦାୟୀ କାର୍ଯ୍ୟ ଏବଂ ଏଭଳି କାର୍ଯ୍ୟ କରି ସେ ଅନ୍ୟ ସଦସ୍ୟମାନଙ୍କ ପାଇଁ ମଧ୍ୟ ଉଦାହରଣ ପାଲଟିଛନ୍ତି ।'

# ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରିଡାର ପ୍ରତିଯୋଗୀମାନେ ଔପଚାରିକଭାବେ ଚାମ୍ପିଅନ୍ସିପ୍ ଟ୍ରଫିର ଅନାବରଣ କରିଛନ୍ତି



ଭୁବନେଶ୍ୱର: ସ୍ଥାନୀୟ କିଟ୍ କ୍ୟାମ୍ପସ୍ରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରିଡାର ଟ୍ରଫି ଔପଚାରିକ ଭାବେ ଉନ୍ମୋଚିତ ହୋଇଛି । ୟୁନିଭର୍ସିଟି ଅଫ୍ ମହୀଶୂର ଓ ଲକ୍ଷ୍ମୀ ବାଇ ନ୍ୟାସ୍ନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେସନ ଗ୍ୱାଲିୟରରଛାତ୍ରଛାତ୍ରୀମାନେ ବହୁ ଆଡମ୍ବର ମଧ୍ୟରେ କିଟ୍ କ୍ୟାମ୍ପସ୍ର ରଗ୍ବି ଗ୍ରାଉଣ୍ଡରେ ଏହି ଟ୍ରଫିର ଉନ୍ମୋଚନ କରିଥିଲେ । ଗତ ମାସରେଗୌହାଟୀଠାରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ସଫଳ ସମ୍ପାଦନ ପରେ ଭାରତ ସରକାର ଭବିଷ୍ୟତର ଆନ୍ତର୍ଜାତୀ ପ୍ରତିଯୋଗିତାଗୁଡିକପାଇଁ ଅଧିକ ପ୍ରତିଭା ଅନ୍ୱେଷଣ କରିବା ଲାଗି ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରିଡାର ଆୟୋଜନ କରିବାକୁ ନିଷ୍ପତିନେଇଥିଲେ । ଏସମ୍ପର୍କରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରିଡା ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ ଯେ, ଭାରତର ଲୋକେ ନିଶ୍ଚିତ ଭାବେଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରିଡାରୁ ବାହାରିବାକୁ ଥିବା ଅନେକ ଆନ୍ତର୍ଜାତୀୟ ଚାମ୍ପିଅନ୍ମାନଙ୍କୁ ଦେଖିବାକୁ ପାଇବେ । ଏହି ଟୁର୍ଣ୍ଣାମେଂଟ୍ ଆସନ୍ତା ଫେବୃଆରୀ ୨୨ ତାରିଖରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ ।ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରିଡା-୨୦୨୦, ଓଡିଶାରେ ଟେକ୍ନିକାଲ ଓ ସପୋର୍ଟିଙ୍ଗ୍ ଷ୍ଟାଫ୍ଙ୍କ ବ୍ୟତୀତ ପ୍ରାୟ ୮୦ରୁ ୧୦୦ଟିବିଶ୍ୱବିଦ୍ୟାଳୟ ୩୩୪୩ ଜଣ ଆଥ୍ଲେଟ୍ (୧୭୩୮ ଜଣ ପୁରୁଷ ଓ ୧୬୦୫ ଜଣ ମହିଳା) ଅଂଶଗ୍ରହଣ କରିବେ । ଏହି ଟୁର୍ଣ୍ଣାମେଂଟ୍ରେ ୧୭ଟି କ୍ରିଡା ବର୍ଗରେ ପ୍ରତିଯୋଗିତା ହେବ; ସେଗୁଡିକ ହେଉଛି ବ୍ୟକ୍ତିଗତ ଇଭେଂଟ୍- ତୀରନ୍ଦାଜ, ଆଥ୍ଲେଟିକ୍ସଲ ବକ୍ସିଙ୍ଗ୍, ଫେନ୍ସିଙ୍ଗ, ଜୁଡୋ, ସ୍ୱିମିଙ୍ଗ୍, ଭାରୋତଳନ, କୁସ୍ତି ଓ ଟିମ୍ ଇଭେଂଟ୍- ବ୍ୟାଡ଼ମିଂଟନ, ବାସ୍କେଟ୍ବଲ, ଫୁଟ୍ବଲ, ହକି, ଟେବୁଲ ଟେନିସ୍, ଟେନିସ୍,ଭଲିବଲ, ରଗ୍ବି, କବାଡି । ଏହି ପ୍ରତିଯୋଗିତାଗୁଡିକ କଟକ ଓ ଭୁବନେଶ୍ୱରର ୧୦ଟି ସ୍ଥାନରେ ଆୟୋଜିତ ହେବ । କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ଏହି ଟୁର୍ଣ୍ଣାମେଂଟ୍ ପାଇଁ ମୁଖ୍ୟ ସେଂଟର ହେବ ।"ଚଣ୍ଡୀଗଡର ପଞ୍ଜାବ ୟୁନିଭର୍ସିଟି, ଅମୃତସରର ଗୁରୁ ନାନକ ଦେବ୍ ୟୁନିଭର୍ସିଟି, ରୋହତକର ଏମ୍ଡିୟୁ, ପଟିଆଲାର ପଞ୍ଜାବୀ ୟୁନିଭର୍ସିଟି,ଦିଲ୍ଲୀର ଦିଲ୍ଲୀ ୟୁନିଭର୍ସିଟି ସ୍ପୋର୍ଟସ୍ କାଉନ୍ସିଲ ଆଦିର ଛାତ୍ରଛାତ୍ରୀମାନେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ପ୍ରଥମ ଖେଲୋ ଇଣ୍ଡିଆବିଶ୍ୱବିଦ୍ୟାଳୟ କ୍ରିଡାରେ ଶୀର୍ଷ ସମ୍ମାନ ହାସଲ କରିବା ପାଇଁ ଲଢେଇ କରିବେ ।

# ଆର୍ଆଇସିଏସ୍ ସ୍କୁଲ୍ ଅଫ୍ ବିଲଟ୍ ଏନ୍ଭାର୍ଣ୍ଣମେଂଟ୍ ପକ୍ଷରୁ ରିଅଲ ଇଷ୍ଟେଟ୍ ଆଣ୍ଡ୍ କନଷ୍ଟ୍ରକସନ୍ ଉପରେ ଏମବିଏରେ ନାମଲେଖା

ଭୁବନେଶ୍ୱର: ଆମିଟି ବିଶ୍ୱବିଦ୍ୟାଳୟର ଆରଆଇସିଏସ୍ ସ୍କୁଲ୍ ଅଫ୍ ବିଲ୍ଟ ଏନର୍ଭାର୍ଣ୍ଣମେଂଟ୍ ପକ୍ଷରୁ ରିଅଲ ଇଷ୍ଟେଟ୍ ଆଣ୍ଡ୍ କନଷ୍ଟ୍ରକ୍ସନ ଉପରେ ଏମବିଏ ପାଠ୍ୟକ୍ରମରେ ନାମଲେଖା ବିଷୟରେ ଘୋଷଣା କରାଯାଇଛି । ଏହା ହେଉଛି ଏକ ଫୁଲ-ଟାଇମ୍ ପାଠ୍ୟକ୍ରମ । ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଚାରିଟି ଏମବିଏ ପାଠ୍ୟକ୍ରମ ପ୍ରଦାନ କରାଯାଉଛି । ସେଗୁଡ଼ିକ ହେଉଛି ଏମବିଏ ଇନ ରିଅଲ ଇଷ୍ଟେଟ ଆଣ୍ଡ ଅର୍ବାନ ଇନଫ୍ରାଷ୍ଟ୍ରକଚର, ଏମବିଏ ଇନ କନଷ୍ଟ୍ରକ୍ସନ ପ୍ରୋଜେକ୍ଟ ମ୍ୟାନେଜମେଂଟ, ଏମବିଏ ଇନ କନଷ୍ଟ୍ରକସନ ଇକୋନୋମିକ୍ସ ଆଣ୍ଡ କ୍ୱାଂଟିଟି ସର୍ଭେଇଙ୍ଗ୍ ଏବଂ ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ଇନ ଫାସିଲିଟିଜ୍ ମ୍ୟାନେଜମେଂଟ୍ । ଏହି ପାଠ୍ୟକ୍ରମଗୁଡ଼ିକ କଂପାନିର ନୋଏଡ଼ା ଓ ମୁମ୍ବାଇ କ୍ୟାମ୍ପସରେ ପ୍ରଦାନ କରାଯାଉଛି । ରିଅଲ ଇଷ୍ଟେଟ୍, ଭିତିଭୂମି ଓ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀମାନେ ଅତି ସହଜରେ ଆରଆଇସିଏସ୍ ଏସବିଇ ୱେବସାଇଟ୍ରେ ପୋଷ୍ଟ ଗ୍ରାଜୁଏଟ ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ । ଏହି ପାଠ୍ୟକ୍ରମକୁ ପିଏମ୍ଆଇ-ଜିଏସିର ସ୍ୱୀକୃତି ମିଳିଛି । ପ୍ରତିଷ୍ଠିତ ସଂସ୍ଥା ତରଫରୁ ସ୍ୱୀକୃତିର ଅର୍ଥ ହେଉଛି ଛାତ୍ରଛାତ୍ରୀମାନେ ଏଠାରେ ଉତ୍କର୍ଷ ମାନର ଶିକ୍ଷା ସହିତ ପାଠପଢ଼ା ଶେଷ ପରେ ଉତମ ନିଯୁକତି ସୁଯୋଗ ହାସଲ କରିପାରିବେ ।

# ହୋଣ୍ଡା ପକ୍ଷରୁ ନୂଆ ୧୨୫ ସିସି ମୋଟରସାଇକଲ୍ ନୂଆ ସାଇନ୍ ୧୨୫ ବିଏସ୍-୬ ଉନ୍ମୋଚିତ

ଭୁବନେଶ୍ୱର: ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଭାରତର ଲୋକପ୍ରିୟ ୧୨୫ ସିସି ମୋଟରସାଇକଲ୍ ନୂଆ ସାଇନ୍ର ବିଏସ୍-୬ ମଡେଲ୍କୁ ଉନ୍ମୋଚନ କରାଯାଇଛି । ଏଥିରେ ୫ ସ୍ପିଡ୍ ଟ୍ରାନ୍ସମିସନ୍ ବ୍ୟବହାର କରାଯାଇଛି ଯାହା ୧୪% ଅଧିକ ମାଇଲେଜ୍ ପ୍ରଦାନ କରିବ । ଏହାର ଏକ୍ସ ସୋ'ରୁମ୍ ଦିଲ୍ଲୀ ମୂଲ୍ୟ ୬୭,୮୫୭ ଟଙ୍କା ରଖାଯାଇଛି । ନୂଆ ପିଢ଼ିର ସାଇନ୍ ବିଏସ୍-୬କୁ ଉନ୍ମୋଚନ କରିବା ଅସରରେ ଶ୍ରୀଯୁକ୍ତ ମିନୁରୋ କାଟୋ, ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, 'ପରବର୍ତି ଯୁଗର ପରିବର୍ତନର ଅଗ୍ରଦୂତ ସାଜି ହୋଣ୍ଡା ଏହାର ବିଏସ୍-୬ ମଡେଲ୍ଗୁଡ଼ିକ ଜରିଆରେ ୨.୫ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ଉଲ୍ଲସିତ କରିସାରିଛି । ଗ୍ରାହକ ଓ ଗଣମାଧ୍ୟମ ତରଫରୁ ଆମକୁ ମିଳିଥିବା ଭଲ ପାଇବା ଓ ସମର୍ଥନକୁ ନେଇ ଆମେ ଅତ୍ୟ' ଉଲ୍ଲସିତ । ମୁଁ ନିଶ୍ଚିତ ଯେ ଏହା ୧୨୫ ସିସି ମୋଟରସାଇକଲ୍ ବର୍ଗରେ ଶା' ବିପ୍ଳବକୁ ଆଗକୁ ବଢ଼ାଇବ ଏବଂ ଭାରତରେ ଆମର ବ୍ୟବସାୟ ସଂପ୍ରସାରଣକୁ ଆହୁରି ସୁଦୃଢ଼ କରିବ ।''ଏହି ଅବସରରେ ଶ୍ରୀଯୁକ୍ତ ଯଦବିନ୍ଦର ସିଂହ ଗୁଲେରିଆ, ବରିଷ୍ଠ ଉପସଭାପତି, ବିକ୍ରି ଓ ମାର୍କେଟିଂ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, 'ସାଇନ୍ର ସଫଳତା ହେଉଛି ଆମ ଉତ୍ପାଦ ଉପରେ ୮ ନିୟୁତରୁ ଅଧିକ ସ'ୁଷ୍ଟ ଗ୍ରାହକଙ୍କ ବିଶ୍ୱାସ ଓ ଭରସାର ପ୍ରତିଫଳନ । ହୋଣ୍ଡାର ସୁପରିୟର ପ୍ରଯୁକ୍ତି, ୫ ସ୍ପିଡ୍ ଟ୍ରାନ୍ସମିସନ ଓ ନୂଆ ସୁବିଧା ସହିତ ସାଇନ୍ ବିଏସ୍-୬ ୧୪% ଅଧିକ ମାଇଲେଜ୍ ପ୍ରଦାନ କରୁଛି । ସାଇନ୍ ବିଏସ୍-୬ ଆମ ନେଟ୍ୱର୍କରେ ୨୦୨୦ ଫେବୃଆରି ଶେଷ ଆଡ଼କୁ ଆସି ପହଂଚିବ ।'' ନୂଆ ବିଏସ୍-୬ ସାଇନ୍ ୧୨୫ ସିସି ମୋଟରସାଇକଲ୍ରେ ୫ ଷ୍ଟେପ୍ ଆଡ୍ଜଷ୍ଟ୍ ହୋଇପାରୁଥିବା ପଛ ସସ୍ପେନ୍ସନ୍, କମ୍ବି ବ୍ରେକ୍ ସିଷ୍ଟମ୍ ସହିତ ଇକ୍ୱିଲାଇଜର, ୫ ଏମ୍ଏମ୍ରୁ ଅଧିକ ଗ୍ରାଉଣ୍ଡ୍ କ୍ଲିୟରାନ୍ସ ଓ ଲମ୍ବା ହ୍ୱିଲ୍ ବେସ୍ ରହିଛି । ଗାଡ଼ିର କମ୍ପନ କମ୍ କରିବା ଲାଗି ଏଥିରେ ରୋଲର୍ ରକର୍ ଆର୍ମକୁ ବ୍ୟବହାର କରାଯାଇଛି । ନୂତନ ଟାୟାର କମ୍ପାଉଣ୍ଡ୍ ପ୍ରଯୁକ୍ତିକୁ ବ୍ୟବହାର କରି ଏଥିରେ ନୂଆ ଏଚଇଟି ଟ୍ୟୁବଲେସ୍ ଟାୟାର୍ ବ୍ୟବହାର କରାଯାଇଛି । ନୂଆ ସାଇନ୍ ବିଏସ୍-୬ରେ ଅନେକ ନୂତନ ବ୍ୟବସ୍ଥା ବ୍ୟବହାର କରାଯାଇଛି । ଏଥିରେ ଡିସି ହେଡ୍ଲ୍ୟାମ୍ପ, ଇଂଜିନ ଷ୍ଟାର୍ଟ/ଷ୍ଟପ୍ ସ୍ୱିଚ୍, ଇଂଟିଗ୍ରେଟେଡ୍ ହେଡ୍ଲ୍ୟାମ୍ପ ବିମ୍ ଓ ପାସିଂ ସ୍ୱିଚ୍, ନୂଆ ମିଟର ଡିଜାଇନ୍, ସ୍ମାର୍ଟ ଟେଲ୍ ଲ୍ୟାମ୍ପ ଓ ବ୍ଲାକ୍ ଆଲଏ ରହିଛି । ଏହା ଡ୍ରମ୍ ଓ ଡିସ୍କ ଭଳି ଦୁଇଟି ଭାରିଆଂଟ୍ରେ ଉପଲବ୍ଧ ହେଉଛି । ଏହା ଉପରେ ୬ ବର୍ଷର ସ୍ୱତନ୍ତ୍ର ୱାରେଂଟି ପ୍ରଦାନ କରାଯାଉଛି । ଏହା ଚାରିଟି ରଙ୍ଗ ଯଥା ବ୍ଲାକ, ଜେନି ଗ୍ରେ ମେଟାଲିକ୍, ରିବେଲ ରେଡ୍ ମେଟାଲିକ୍ ଓ ଆଥଲେଟିକ୍ ବ୍ଲୁ ମେଟାଲିକ୍ରେ ଉପଲବ୍ଧ ହେବ । ଏହାର ଏକ୍ସ ସୋ'ରୁମ୍ ଦିଲ୍ଲୀ ଦାମ୍ ୬୭,୮୫୭ ଟଙ୍କାରୁ ଆରମ୍ଭ ହୋଇଛି ।

# ପାନାସୋନିକ୍ ପକ୍ଷରୁ କନେକ୍ଟେଡ୍ ଏସିର ଶୁଭାରମ୍ଭ

ଭୁବନେଶ୍ୱର: ବିବିଧ ଟେକ୍ନୋଲୋଜି କମ୍ପାନୀ ପାନାସୋନିକ୍ ଇଣ୍ଡିଆ ପକ୍ଷରୁ ଆଜି ଏହାର ନୂତନ ଫ୍ୟୁଚରିଷ୍ଟିକ୍ ରେଞ୍ଜର କନେକ୍ଟେଡ୍ ଏୟାର କଣ୍ଡିସ୍ନରର ଶୁଭାରମ୍ଭ କରାଯାଇଛି । ଏହି ନୂତନ ରେଞ୍ଜର ଏସି ସମସ୍ତ ପାନାସୋନିକ୍ ବ୍ରାଣ୍ଡ ସପ୍, ବୃହତ୍ ଖୁଚୁରା ଆଉଟ୍ଲେଟ୍, ଆମାଜନ୍, ଫ୍ଲିପ୍କାର୍ଟ ଭଳି ଅନ୍ଲାଇନ୍ ପ୍ଲାଟ୍ଫର୍ମ ସମେତ ଦେଶବ୍ୟାପୀ କ୍ଷୁଦ୍ର ଇଲେକ୍ଟ୍ରୋନିକ୍ସ ଷ୍ଟୋରଗୁଡିକରେ ମଧ୍ୟ ଉପଲବ୍ଧ ହେଉଛି । ଏହି ନୂତନ ରେଞ୍ଜର ଆଇଓଟି ସକ୍ଷମ ପାନାସୋନିକ୍ ଇନ୍ଭର୍ଟର ସ୍ପ୍ଲିଟ୍ ଏସିର ମୂଲ୍ୟ ୩୫,୯୯୦ ଟଙ୍କାରୁ ଆରମ୍ଭ ହେଉଛି ।ଏହି ନୂତନ କନେକ୍ଟେଡ୍ ଏସି ରେଞ୍ଜ ସମ୍ପର୍କରେ ପାନାସୋନିକ୍ ଇଣ୍ଡିଆର ଏୟାର କଣ୍ଡିସ୍ନିଙ୍ଗ ଗ୍ରୁପ୍, ବ୍ୟବସାୟ ମୁଖ୍ୟ ଶ୍ରୀଯୁକ୍ତ ଗୌରବ ଶାହ କହିଛନ୍ତି, 'ଆମର ଉପଭୋକ୍ତା ଅ'ର୍ଦୃଷ୍ଟି ଅଧ୍ୟୟନ ଆମକୁ ଜଣାଇଛି ଯେ, ଭାରତୀୟ ଉପଭୋକ୍ତାମାନେ ନୂତନ ଉତ୍ପାଦ ଅଭିଜ୍ଞତା ପାଇବାକୁ ଚାହାଁି ଯାହା ସେମାନଙ୍କ ଦୈନନ୍ଦିନ ଜୀବନକୁ ସହଜ ଓ ଦକ୍ଷତାସମ୍ପନ୍ନ କରିପାରିବ । ୮୧% ଉପଭୋକ୍ତା କନେକ୍ଟେଡ୍ ଫିଚର ପାଇଁ ଅତିରିକ୍ତ ଅର୍ଥ ପଇଠ କରିବାକୁ ସହମତି ପ୍ରକାଶ କରିଛନ୍ତି । ଟେକ୍ନୋଲୋଜିକୁ ଗଣତାନ୍ତ୍ରିକ କରିବା ପାଇଁ ରହିଥିବା ଆମର ରଣନୀତି ଅନୁସାରେ, ଆମେ ଆମର ନୂତନ କନେକ୍ଟେଡ୍ ଏସି ରେଞ୍ଜକୁ ପାରମ୍ପରିକ ସ୍ପ୍ଲିଟ୍ ଏସି ଭଳି ସମାନ ମୂଲ୍ୟ ବର୍ଗରେ ଉପଲବ୍ଧ କରିଛୁ । କନେକ୍ଟେଡ୍ ଏସିଗୁଡିକ ପାଇଁ ରହିଥିବା ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଲାଗି ଏହି ଲଂଚ୍ ସହ ଆମେ ୧୦% ବଜାର ଅଂଶ ଏବଂ ୨୦୨୦-୨୧ ଆର୍ଥିକ ବର୍ଷରେ ଏୟାର କଣ୍ଡିସ୍ନର ବର୍ଗରେ ୨୫%ରୁ ୩୦% ବିକାଶ ହାସଲ କରିବାକୁ ଲକ୍ଷ୍ୟ ରଖିଛୁ ।'

# ଏସ୍ବିଆଇ କାର୍ଡ ଓ ଲ୍ୟାଣ୍ଡମାର୍କ ଗ୍ରୁପ୍ ପ୍ରଚଳନ କଲେ ମିଳିତ ବ୍ରାଣ୍ଡର କ୍ରେଡିଟ କାର୍ଡ

ବେଙ୍ଗାଲୁରୁ: ଏସ୍ବିଆଇ କାର୍ଡ ଭାରତରେ ଅନ୍ୟତମ ସର୍ବବୃହତ ରିଟେଲ ଏବଂ ହସ୍ପିଟାଲିଟି ଗ୍ରୁପ୍ ଲ୍ୟାଣ୍ଡମାର୍କ ଗ୍ରୁପ୍ ସହିତ ମିଳିତ ଭାବେ ଅନନ୍ୟ କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ସେଟ୍ ପ୍ରଚଳନ ନିମନ୍ତେ ଅଂଶୀଦାର ହୋଇଛି । ନୂଆକରି ପ୍ରଚଳନ କରାଯାଇଥିବା ତିନିଟି କାର୍ଡ, ଲାଇଫଷ୍ଟାଇଲ ହୋମ୍ ସେଂଟର ଏସ୍ବିଆଇ କାର୍ଡ, ମାକ୍ସ ଏସ୍ବିଆଇ କାର୍ଡ ଏବଂ ସ୍ପାର୍ ଏସ୍ବିଆଇ କାର୍ଡକୁ ଲ୍ୟାଣ୍ଡମାର୍କ ଗ୍ରୁପର ଚାରିଟି ବ୍ରାଣ୍ଡ୍ ଯଥା ଲାଇଫଷ୍ଟାଇଲ, ହୋମ୍ ସେଂଟର, ମାକ୍ସ ଏବଂ ସ୍ପାର୍ ସହିତ ଅଂଶୀଦାର ବ୍ୟବସ୍ଥାରେ ପ୍ରଚଳନ କରାଯାଇଛି । ସମୁଦାୟ ପରିବାର ନିମ'େ ୱାନଷ୍ଟପ୍ ଅର୍ଥପୈଠ ସଲ୍ୟୁସନ୍ସ ଭାବେ ଡିଜାଇନ କରାଯାଇଥିବା ଏହି କାର୍ଡଗୁଡିକ ପ୍ରିମିୟମ ଏବଂ ସୁଲଭ ମୂଲ୍ୟର ଫାଶନ, ଫର୍ଣ୍ଣିଚର ବର୍ଗ ଏବଂ ତେଜରାତି ଭଳି ସମସ୍ତ ଶ୍ରେଣୀରେ କାର୍ଡଧାରୀଙ୍କୁ ଏକ ଅନନ୍ୟ ସପିଙ୍ଗ ଅନୁଭୂତି ପ୍ରଦାନ କରୁଛି । ଏହି ସମସ୍ତ କାର୍ଡର ଅ'ର୍ନିହିତ ମୂଲ୍ୟ ପ୍ରସ୍ତାବ ସମାନ ରହିଛି । ଏଥିମଧ୍ୟରୁ ଯେକୌଣସି କାର୍ଡଧାରୀ ସମସ୍ତ ଅଂଶୀଦାର ଲ୍ୟାଣ୍ଡମାର୍କ ବ୍ରାଣ୍ଡଗୁଡିକରେ ସମାନ ଫାଇଦା ପାଇପାରିବେ, ଏବଂ ତଦ୍ୱାରା ସଞ୍ଚୟ କରିବା ସହିତ ଗୋଟିଏ କାର୍ଡ ମାଧ୍ୟମରେ ବିବିଧ ବର୍ଗରେ ଫାଇଦା ପାଇପାରିବେ । ନୂଆ କୋ-ବ୍ରାଣ୍ଡେଡ କାର୍ଡଗୁଡିକ ତିନିଟି ବର୍ଗରେ ଉପଲବ୍ଧ ହେଉଛି ଯଥା- ବେସ୍, ସିଲେକ୍ଟ ଓ ପ୍ରାଇମ୍ ଏବଂ ଏହା ସମସ୍ତ ଭାଲ୍ୟୁ ଫର୍ ମନି ଠାରୁ ଆରମ୍ଭ କରି ପ୍ରିମିୟମ ଏବଂ ସୁପର ପ୍ରିମିୟମ ଶ୍ରେଣୀର ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି । କାର୍ଡର ପ୍ରଚଳନ ଅବସରରେ ଶ୍ରୀ ହରଦୟାଲ ପ୍ରସାଦ, ଏମ୍ଡି ଓ ସିଇଓ, ଏସ୍ବିଆଇ କାର୍ଡ କହିଛନ୍ତି, 'ଆମେ ଲାଇଫଷ୍ଟାଇଲ ହୋମ୍ ସେଂଟର ଏସ୍ବିଆଇ କାର୍ଡ, ମାକ୍ସ ଏସ୍ବିଆଇ କାର୍ଡ ଏବଂ ସ୍ପାର୍ ଏସ୍ବିଆଇ କାର୍ଡ ପ୍ରଚଳନ ନିମ'େ ଲ୍ୟାଣ୍ଡମାର୍କ ଗ୍ରୁପ୍ ସହିତ ଅଂଶୀଦାର ହୋଇ ଆନନ୍ଦିତ । ଏହି ଅଂଶୀଦାର ବ୍ୟବସ୍ଥା ଜରିଆରେ ଆମେ ଆମ କାର୍ଡଧାରୀଙ୍କୁ ଫାଶନ, ହୋମ୍ ଫର୍ଣ୍ଣିଶିଂ, ଆସବାବପତ୍ର, ତେଜରାତି ସାମଗ୍ରୀ ଭଳି ସମସ୍ତ ପ୍ରମୁଖ ବ୍ୟୟକାରୀ ଶ୍ରେଣୀରେ ଏକ ଦକ୍ଷ ସଞ୍ଚୟ ସୁଯୋଗ ଯୋଗାଇଦେବୁ ।

# ଆଇଟେଲ୍ ସ୍ମାଟଫୋନ୍ର ମୂଲ୍ୟ ମାତ୍ର ୫୪୯୯/- ଟଙ୍କା

ଭୁବନେଶ୍ୱର : ଅଗ୍ରଣୀ ସ୍ମାଟଫୋନ୍ ବ୍ରାଣ୍ଡ ଆଇଟେଲ ନିଜର ନୂତନ ଭିଜନ-୧ର ବଜାର ପ୍ରବେଶ କରାଇଛି । ୨୦୨୦ ମସିହାର ଏହି ଭିଜନ-୧ ମୋବାଇଲ୍ରେ ଗ୍ରାହକ ମାନଙ୍କ ପାଇଁ ରହିଛି ବହୁତ ଅଧୁନିକ ସୁବିଧା । ଯେଉଁଥିରେ ରହିଛି ଏଚ୍ଡି + ଆଇପିଏସ୍ ୱାଟରଡ୍ରପ ଡିସ୍ପ୍ଲେ ଏବଂ ୪୦୦୦ ଏମ୍ଏଏଚ୍ର ବୃହତ ବ୍ୟାଟେରି, ଏଆଇ ଡୁଆଲ କ୍ୟାମେରା, ୧.୬ ଜିଏଚ୍ଜେଡ୍ ଓକଟା କୋର ପ୍ରୋସେସର, ଡୁଆଲ୍ ଆକ୍ଟିଭ୍ ୪ଜି ଭୋଲ୍ଟ ଓ ଭୋୱାଇଫାଇ, ୩୨ଜିବି ରୋମ । ଏଥିରେ ଗ୍ରାହକଙ୍କୁ ମାଗଣା ବ୍ଲୁଟୁଥ ୱାରଲେସ୍ ହେଡସେଟ୍ ମିଳୁଛି ଯାହାର ମୂଲ୍ୟ ୭୯୯/- ଟଙ୍କା । ଏହିସବୁ ବୈଶିଷ୍ଟ ଥିବା ଆଇଟେଲ ଭିଜନ-୧ର ମୂଲ୍ୟ ମାତ୍ର ୫୪୯୯/- ଟଙ୍କା । ଏହି ଅବସରରେ ଟ୍ରାସିୟନ୍ ଭାରତର, ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ, ଶ୍ରୀଯୁକ୍ତ ଅରିଜିତ୍ ତାଲାପାତ୍ର କହିଛନ୍ତି ଯେ, 'ଗ୍ରାହକ ମାନଙ୍କ ଚାହିଦାକୁ ନଜରରେ ରଖି ଆମେ ଏହାକୁ ତିଆରି କରିଛୁ । ଏହା ଗ୍ରାହକ ମାନଙ୍କୁ ବହୁତ କମ୍ ମୂଲ୍ୟରେ ଯୋଗାଇ ଦିଆଯାଉଛି । ଗ୍ରାହକ ମାନଙ୍କୁ କମ୍ ମୂଲ୍ୟରେ ଏହି ସବୁ ବୈଶିଷ୍ଟ ବିଶିଷ୍ଟ ଫୋନ ପ୍ରଦାନ କରାଯାଉଛି ଏବଂ ଏହା ଗ୍ରାହକ ମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଉଛି ।'

# ସାମ୍ସଙ୍ଗ ଗ୍ୟାଲାକ୍ସି ଏ୭୧ର ବଜାର ପ୍ରବେଶ

ଭୁବନେଶ୍ୱର: ଭାରତର ସର୍ବବୃହତ୍ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଓ ସ୍ମାର୍ଟଫୋନ୍ ବ୍ରାଣ୍ଡ ସାମ୍ସଙ୍ଗ ଏହାର ଏ-ସିରିଜ୍ରେ ନୂତନ ଗ୍ୟାଲାକ୍ସି ଏ୭୧ ସ୍ମାର୍ଟଫୋନ୍ର ଶୁଭାରମ୍ଭ କରିଛି । ଏହି ନୂତନ ସ୍ମାର୍ଟଫୋନ୍ ସାମ୍ସଙ୍ଗର ଅତ୍ୟାଧୁନିକ ପ୍ରଯୁକ୍ତି ଦ୍ୱାରା ପରିଚାଳିତ ହେଉଥିବା ବେଳେ ଏଥିରେ ଶକ୍ତିଶାଳୀ ପ୍ରୋସେସର ଓ ଦୀର୍ଘସ୍ଥାୟୀ ବ୍ୟାଟେରି ଭଳି ସୁବିଧା ରହିଛି । ୪ଟି ଟପ୍-ଅଫ୍-ଦ-ରେ୍ କ୍ୟାମେରା ସହ ଗ୍ୟାଲାକ୍ସି ଏ୭୧କୁ ଜୀବନର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତଗୁଡିକୁ କ୍ୟାପ୍ଚର କରିବା ପାଇଁ ନିର୍ମାଣ କରାଯାଇଛି । ଏହାର ମୁଖ୍ୟ କ୍ୟାମେରା ଆକର୍ଷଣୀୟ ଲୋ ଲାଇଟ୍ ଫଟୋଗ୍ରାଫି ପାଇଁ ଏଫ୍୧.୮ ଆପେର୍ଚର ସହ ୬୪ ମେଗାପିକ୍ସେଲର ଲେନ୍ସର ସହ ଉତ୍କୃଷ୍ଟମାନର ଫଟୋ ଉତ୍ତୋଳନ କରିଥାଏ । ମିଳିତ ଭାବେ ଏହାର ୧୨୩ ଡିଗ୍ରୀ ଫିଲ୍ଡ ଭ୍ୟୁ ବିଶିଷ୍ଟ ୧୨ଏମ୍ପି ଅଲ୍ଟ୍ରା ୱାଇଡ୍ କ୍ୟାମେରା ସହ ଏହି ସ୍ମାର୍ଟଫୋନ୍ ଆପଣଙ୍କୁ ଜଣେ ମନୁଷ୍ୟର ଆଖି ଦେଖିବାକୁ ସକ୍ଷମ ହେଉଥିବା ସର୍ବାଧିକ ଚିତ୍ର ଦେଖାଇଥାଏ । ଏହାର ୫ ଏମ୍ପି ମାକ୍ରୋ କ୍ୟାମେରା ଓ ୫ଏମ୍ପି ଡେପ୍ଥ କ୍ୟାମେରା ସହ ଗ୍ୟାଲାକ୍ସି ଏ୭୧ର କ୍ୱାଡ୍-କ୍ୟାମ୍ ଅତ୍ୟାଧୁନିକ ଫଟୋଗ୍ରାଫି ଅଭିଜ୍ଞତା ପ୍ରଦାନ କରିଥାଏ । ଗ୍ୟାଲାକ୍ସି ଏ୭୧ରେ କ୍ୱାଲ୍କମ୍ ସ୍ନାପ୍ଡ୍ରାଗନ ୭୩୦ ଅକ୍ଟା-କୋର୍ ପ୍ରୋସେସର ଓ ୮ ଜିବି ରାମ୍ ରହିଛି ଯାହା ଅତି ସହଜରେ ଜଟିଳ କାର୍ଯ୍ୟଗୁଡିକୁ ନିୟନ୍ତ୍ରଣ କରିପାରିଥାଏ । ଗ୍ୟାଲାକ୍ସି ଏ୭୧ ପ୍ରିଜମ୍ କ୍ରସ୍ ସିଲ୍ଭର, ବ୍ଲୁ ଓ ବ୍ଲାକ୍ କଲର୍ରେ ଆସ' । ଫେବୃଆରୀ ୨୪ ତାରିଖରୁ ଦେଶବ୍ୟାପୀ ସମସ୍ତ ରିଟେଲ ଷ୍ଟୋର୍, ସାମ୍ସଙ୍ଗ ଅପେରା ହାଉସ୍, ସାମ୍ସଙ୍ଗ ଇ-ସପ୍ ଓ ପ୍ରମୁଖ ଅନ୍ଲାଇନ୍ ପୋର୍ଟାଲଗୁଡିକରେ ବିକ୍ରି ପାଇଁ ଉପଲବ୍ଧ ହେବ । ଗ୍ୟାଲାକ୍ସି ଏ୭୧ର ୮/୧୨୮ ଜିବି ଭାରିଆଂଟ୍ର ମୂଲ୍ୟ ୨୯,୯୯୯ ଟଙ୍କା ରହିଛି ।

# ସ୍କୁଲ୍ ଅଟୋରୁ ଖସି ୫ବର୍ଷର ଛାତ୍ର ମୃତ : ଶିଶୁ ସୁରକ୍ଷା କମିଶନଙ୍କୁ ଭେଟିଲା ସମାଜବାଦୀ ପାର୍ଟି



ଭୁବନେଶ୍ୱର : ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି-ଚିକିଟି ରୋଡ ଅଞ୍ଚଳ କଲୋନୀ ସରସ୍ୱତୀ ଶିଶୁମନ୍ଦିରରେ ୫ ବର୍ଷର ଛାତ୍ର ଅଜୟ ପ୍ରଧାନଙ୍କ ମର୍ମନ୍ତୁଦ ମୃତ୍ୟୁରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ଆଜି ରାଜ୍ୟ ଶିଶୁ ସୁରକ୍ଷା କମିଶନଙ୍କ ଦ୍ୱାରସ୍ଥ ହୋଇଅଛି । ଏହି ଛାତ୍ରମୃତ୍ୟୁ ରାଜ୍ୟରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କର ବିପଜ୍ଜନକ ଓ ଅସୁରକ୍ଷିତ ପରିବହନ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ସଙ୍ଗେସଙ୍ଗେ ଶିଶୁ ସୁରକ୍ଷା ପ୍ରତି ସ୍କୁଲ୍ କର୍ତ୍ତୃପକ୍ଷ, ପରିବହନ ବିଭାଗ, ଓ ସର୍ବୋପରି ରାଜ୍ୟ ସରକାର କେତେ ଯେ ଉଦାସୀନ ତାହାକୁ ପ୍ରତିଫଳିତ କରୁଛି ବୋଲି ସମାଜବାଦୀ ପାର୍ଟି ଅଭିଯୋଗ କରିଛି । ରାଜ୍ୟର ଗାଁ ଗହଳିରେ ଛତୁ ଫୁଟିଲା ପରି ଗଢ଼ିଉଠିଥିବା ଇଂରାଜୀ ମାଧ୍ୟମ ସ୍କୁଲ୍ ଓ ସରସ୍ୱତୀ ଶିଶୁମନ୍ଦିରମାନେ ଅତି ବିପଜ୍ଜନକଭାବେ ଏବଂ ଖାମଖିଆଲି ଭାବରେ ସ୍କୁଲ୍ ପିଲାମାନଙ୍କୁ ଅଟୋ ରିକ୍ସାରେ ନେବା ଆଣିବାର ବ୍ୟବସ୍ଥା କରିଛନ୍ତି । ଗୋଟିଏ ଅଟୋ ରିକ୍ସାରେ ୧୦ରୁ ୧୨ ଜଣ ଛାତ୍ରଛାତ୍ରୀ ଅଟାବସ୍ତା ଭଳି ଲଦାଲଦି ହୋଇ ଅତି ବିପଜ୍ଜନକ ଅବସ୍ଥାରେ ଯାଆସ କରୁଛନ୍ତି । ଏ ଦିଗରେ ବିଭିନ୍ନ ସମୟରେ ମାନ୍ୟବର ଅଦାଲତ ଶିଶୁ ସୁରକ୍ଷା ନିମନ୍ତେ ଯେଉଁ ସର୍ତାବଳୀ ସବୁ ଜାରି କରିଛନ୍ତି ତାହାର ଅନୁପାଳନ ହେଉନାହିଁ ବୋଲି ଅଜୟ ପ୍ରଧାନଙ୍କ ଭଳି କୋମଳମତି ଛାତ୍ରଛାତ୍ରୀମାନେ ମୃତ୍ୟୁବରଣ କରୁଛନ୍ତି । ଗତକାଲିର ଏହି ହୃଦୟବିଦାରକ କୋମଳମତି ଅଜୟ ମୃତ୍ୟୁର ବିହିତ ତଦନ୍ତ କରି ଏଥିପାଇଁ ଦାୟୀ ଅଟୋଚାଳକ, ପରିବହନ ବିଭାଗ, ସ୍କୁଲ୍ ଓ ଗଣଶିକ୍ଷା ବିଭାଗ, ଜିଲ୍ଲାପାଳ, ଏସ୍.ପି. ଏବଂ ସର୍ବୋପରି ରାଜ୍ୟସରକାରଙ୍କୁ ମାନ୍ୟବର ଶିଶୁ ସୁରକ୍ଷା କମିଶନଙ୍କ ପକ୍ଷରୁ ଆଜି ଏକ ନୋଟିସ୍ ଜାରି କରାଯାଇ ମୋକଦ୍ଦମା ନଂ- ୭୩/୨୦୨୦ରେ ଇସୁ ହୋଇଥିବା ଏହି ନୋଟିସ୍ର ଉତ୍ତର ଦେବାପାଇଁ ମାନ୍ୟବର କମିଶନର ଶିଶୁ ସୁରକ୍ଷା ଏ ବାବଦରେ କର୍ତ୍ତୃପକ୍ଷମାନେ କି ପଦକ୍ଷେପ ନେଇଛନ୍ତି, ତାହାର ଉତ୍ତର ଖୁବ୍ ଶୀଘ୍ର ଦେବାପାଇଁ ମାନ୍ୟବର କମିଶନର ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରାଙ୍କ ନିର୍ଦ୍ଦେଶକ୍ରମେ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ରାଜ୍ୟ କୋଷାଧ୍ୟକ୍ଷ ସଂଜୟ ନାୟକ, ନାରୀ ନେତ୍ରୀ ରୀତା ପଟ୍ଟନାୟକ, ରୀତା ପାଣିଗ୍ରାହୀ ଓ ନରେଶ ବେହେରା ପ୍ରମୁଖ ମାନ୍ୟବର କମିଶନଙ୍କୁ ଭେଟି ଏକ ପାଞ୍ଚଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ । ଏହି ସ୍ମାରକପତ୍ରରେ ମୃତ ଛାତ୍ର ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ଅସୁରକ୍ଷିତ ପରିବହନ ସେବା ପାଇଁ ଦାୟୀ ସ୍କୁଲ୍ କର୍ତ୍ତୃପକ୍ଷ ଓ ଅଟୋ ଡ୍ରାଇଭର ବିରୁଦ୍ଧରେ ହତ୍ୟା ଅପରାଧ ମୋକଦ୍ଦମା ରୁଜୁ ଏବଂ ଶିଶୁମାନଙ୍କ ସୁରକ୍ଷା ପ୍ରତି ଆଖି ବୁଜି ଦେଇଥିବା ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ଓ ପରିବହନ ବିଭାଗ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ନୋଟିସ୍ର ଉତ୍ତର ପାଇସାରିବା ପରେ ମାନ୍ୟବର କମିଶନର ଏ ଦିଗରେ ବିହୀତ ପଦକ୍ଷେପ ନେବେବୋଲି କମିଶନର ଅଧକ୍ଷା ଶ୍ରୀମତୀ ସନ୍ଧ୍ୟାବତୀ ପ୍ରଧାନ ପ୍ରତିନିଧିବୃନ୍ଦଙ୍କୁ ଦୃଢ ପ୍ରତିଶ୍ରୁତି ଦେଇଛନ୍ତି ।

# 'ହିରୋ ୱାର୍ଲ୍ଡ ୨୦୨୦' ରେ ହିରୋ ମୋଟୋକର୍ପ ଅନାବରଣ କରୁଛନ୍ତି ଏହାର ଗତିଶୀଳତା, ଅଭିନବତ୍ୱ ଏବଂ ପ୍ରାଦ୍ୟୋଗୀକିର ଭିଜନ

ଭୁବନେଶ୍ୱର : ହିରୋ ମୋଟୋକର୍ପର ପ୍ରାଦ୍ୟୋଗୀକି, ଅଭିନବତ୍ୱ ଏବଂ ବୈଶିକ ସଂପ୍ରସାରଣ ଯୋଜନା ମୂଳରେ ରହିଛି ସ୍ଥିରତା ଓ ଦାୟିତ୍ୱବାନ ବୃଦ୍ଧି । ହିରୋ ୱାର୍ଲ୍ଡ ୨୦୨୦ରେ ଏକ ନୈତିକ ଏବଂ ଅସାଧାରଣ ଦୃଷ୍ଟି କୋଣରେ ସଜ୍ଜିତ ରଖିଥିବା ଆମର ଭବିଷ୍ୟତ ପ୍ରାଦ୍ୟୋଗୀକି ଉତ୍ପାଦ ଏବଂ ସେବା ପ୍ରଦର୍ଶନ କରୁଛୁ । ଆଗାମୀ ୫-୭ ମଧ୍ୟରେ ସାରା ବିଶ୍ୱରେ ଗ୍ରାହକମାନଙ୍କ ପାଇଁ ପ୍ରାସଙ୍ଗିକ ଗତିଶୀଳତା ସମାଧାନର ପରିବର୍ତୀ ପିଢୀ ସୃଷ୍ଟି କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ । ସେଥି ପାଇଁ ବୈକଳ୍ପିକ ଗତିଶୀଳତା, ଆଧୁନିକ, ଅତ୍ୟାଧୁନିକ, ସ୍ଥାୟୀ ବିନିର୍ମାଣ ସୁବିଧା, ନେଟୱର୍କ ସଂପ୍ରସାରଣ ଏବଂ ସାରା ବିଶ୍ୱରେ ବ୍ରାଣ୍ଡ ନିର୍ମାଣ ପାଇଁ ଅନୁସନ୍ଧାନ ଓ ବିକାଶରେ ବ୍ୟବହାର କରିବାକୁ ଟ.୧୦,୦୦୦କୋଟିର ଏକ ନିବେଶ ଆମେ ନିର୍ଦ୍ଦିଷ୍ଟ କରିଛୁ । ବର୍ତମାନ ପାଖାପାଖି ଦୁଇ ଦଶକ ଧରି ବଜାର-ଅଗ୍ରଣୀ ରହିଥିବା ଆମେ ଏକ ଚିର-ବିକଶିତ, ଯୁବା କୈନ୍ଦ୍ରିକ, ଅଭିନବତ୍ୱ ପରିଚାଳିତ ବ୍ରାଣ୍ଡ ଅଟୁ ଏବଂ ତଥାପି ବି ଆମର ଉପଲବ୍ଧିରେ ଆମେ ବିଶ୍ରାମ ନେଉ ନାହୁଁ ।

# ଓଡିଶାର ପ୍ରଥମ ହିଟାଚି ହୋମ୍ ସୋରୁମ୍ ଭୁବନେଶ୍ୱରରେ ଉଦ୍‌ଘାଟିତ

ଭୁବନେଶ୍ୱର: ଭାରତର ଦୁଇ ଅଗ୍ରଣୀ ବ୍ରାଣ୍ଡ ହିଟାଚି ଆପ୍ଲାଏନ୍ସ ଏବଂ ଜନ୍ସନ୍ କଣ୍ଟ୍ରୋଲ୍ସ ଉଭୟଙ୍କ ମିଳିତ ଉଦ୍ୟେଗରେ ପ୍ରସ୍ତୁତ ହୋଇଥିବା ହିଟାଚି କୁଲିଙ୍ଗ୍ ଆଣ୍ଡ୍ ହିଟିଂ ଏୟାର କଣ୍ଡିସନର ସଲ୍ୟୁସନ୍ ସମସ୍ତ ସ୍ଥାନରେ ଲୋକପ୍ରିୟତା ହାସଲ କରିବା ସହିତ ନିଜର ଉତ୍ପାଦର ଉତ୍କର୍ଷତା ବଜାୟ ରଖିବାରେ ସଫଳ ହୋଇପାରିଛି । ପାଖାପାଖି ୧୦୦ ବର୍ଷ ପୁରୁଣା ଏହି ଦୁଇଟି ଅଗ୍ରଣୀ ବ୍ରାଣ୍ଡ ଗ୍ରାହକମାଙ୍କୁ ସର୍ବଦା ଉତମ ଉତ୍ପାଦ ଯୋଗାଇଦେବାର ପ୍ରତିଶୃତି ବଦ୍ଧ । ନିକଟରେ ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଉଦ୍ଘାଟିତ ହୋଇଯାଇଛି ହିଟାଚିର ପ୍ରଥମ ଏକ୍ସକ୍ଲୁସିଭ୍ ସୋରୁମ୍ ଯେଉଁଥିରେ ଏହାର ସମସ୍ତ ପ୍ରକାର ଉତ୍ପାଦମାନ ଉପଲବ୍ଧ ରହିଛି । କମ୍ପାନୀର ସି.ଏମ୍.ଡି ଶ୍ରୀଯୁକ୍ତ ଗୁରୁମିତ୍ ସିଂ ଏହି ସୋରୁମ୍କୁ ଉଦ୍ଘାଟନ କରିଥିବାବେଳେ ନ୍ୟାସନାଲ୍ ହେଡ୍, ସେଲ୍ସ ଶ୍ରୀଯୁକ୍ତ ରାଜେସ୍ୱରଦୟାଲ, ଆଂଚଳିକ ମୁଖ୍ୟ ଶ୍ରୀଯୁକ୍ତ ପୁନ୍ୟବ୍ରତ୍ ଭଟ୍ଟାଚାରୟ ଏବଂ ଭୁବନେଶ୍ୱର ଫ୍ରାଂଚାଇଜ୍ ମୁଖ୍ୟ ଶ୍ରୀଯୁକ୍ତ ସୁଜିତ୍ ପଟ୍ଟନାୟକ ଉପସ୍ଥିତ ଥିଲେ । ଏଠାରେ କମ୍ପାନୀର ଇନ୍ଭର୍ଟର ସ୍ପିଲ୍ଟ ଏସି, ଫିକ୍ସ ସ୍ପିଡ୍ ସ୍ପିଲ୍ଟ ଏସି, ୱିଣ୍ଡୋ ଏସି, ଭିଆର୍ ଏଫ୍ ସିଷ୍ଟମ୍, ଡିଡକ୍ଟେଡ୍ ଏୟାର କଣ୍ଡିସନର, ଡିଡକ୍ଟଲେସ୍ ଏୟାର୍ କଣ୍ଡିସନର, ଚିଲର ରେଫ୍ରିଜିରେଟର, ଏୟାର ପିୟୁରିଫାୟର ଇତ୍ୟାଦି ଉପଲବ୍ଧ ରହିଛି । ଏହି ଅବସରରେ ଜନସନ୍ କଣ୍ଟ୍ରୋଲ୍ସ-ହିଟାଚି ଏୟାର କଣ୍ଡିସନିଙ୍ଗ ଇଣ୍ଡିଆ ଲିଂ ର ମୁଖ୍ୟ କାର୍ଯ୍ୟ ନର୍ବାହି ଅଧିକାରୀ ଶ୍ରୀଯୁକ୍ତ ଗୁର୍ମିତ୍ ସିଂ କହିଛନ୍ତି, "ଆମର ଏହି ସୋରୁମ୍ରେ ସମସ୍ତ ପ୍ରକାର ଉତ୍ପାଦ ଉପଲବ୍ଧ ରହିଛି, ଆମେ ଆମର ଅତ୍ୟାଧୁନିତ ଉତ୍ପାଦ ଦ୍ୱାରା ଲୋକମାନଙ୍କ ଅତି ସରଳ କରିବା ପାଇଁ ଚେଷ୍ଟା କରିଥାଉ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ:ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray